## ଶକ୍ତିସ୍ୱରୁପିଣୀ ମା' ତାରାତାରିଣୀ

# ମୂଳାଷ୍ଟମୀରୁ ମହାଷ୍ଟମୀ, ସ୍ୱତନ୍ତ୍ର ଷୋଡ଼ଶପୂଜା





ବ୍ରହ୍ମପୁର,୧୭।୯(ସମିସ): ଉତ୍କଳୀୟ ସଂସ୍କୃତି, ଆସ୍ଥା ଓ ମାନ୍ୟତା ପ୍ରକାରେ ଗଞ୍ଜାମର ମା'ତାରାତାରିଣୀଙ୍କୁ ଦକ୍ଷିଣ ଓଡିଶାର ପ୍ରାୟ ସମସ୍ତ ପରିବାରରେ ଇଷ୍ଟ ଦେବୀ ଭାବେ ପୂଜା କରାଯାଏ। ଏହା ଚାରି ଆଦି ପୀଠ ମଧ୍ୟରୁ ଅନ୍ୟତମ। ପରିବାରରେ ଜନ୍ମିତ ସମସ୍ତ ନବଜାତକଙ୍କୁ ପ୍ରଥମେ ମା'ଙ୍କ ପାଖରେ ମୁଣ୍ଡନ କରାଇବାର ପ୍ରଥା ଏବେ ମଧ୍ୟ ପ୍ରଚଳିତ। ଏଠାରେ ଚୈତ୍ର ମାସର ମଙ୍ଗଳବାର ସମେତ ପାର୍ବଣର ଷୋଡ଼ଶ ପୂଜା ଅନନ୍ୟ। ବର୍ଷସାରା ସମସ୍ତ ଦେବନୀତି ସହ ଭାଦ୍ରବ ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ଶାରଦୀୟ ଷୋଡ଼ଶ ଉପଚାର ପୂଜା ଏହି ଦେବୀପୀଠ ପାଇଁ ଏକ ସ୍ୱତନ୍ତ୍ର ମାନ୍ୟତା ରଖେ। ସମ୍ପ୍ରତି ଏଠାରେ ମା'ଙ୍କ ଷୋଡ଼ଶ ବିଧି ପୂଜା ଆରମ୍ଭ ହୋଇଯାଇଛି। ପ୍ରତିଦିନ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ପାର୍ବଣରେ ଏହି ପୀଠ ଲୋକାରଣ୍ୟ ହେଉଛି। ଇତିହାସ ଓ ବର୍ତ୍ତମାନ- ଦକ୍ଷିଣ ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର ରେଶମ ସହର ବ୍ରହ୍ମପୁରଠାରୁ ପ୍ରାୟ ୩୦କିଲୋମିଟର ଦୂରରେ ପୂଣ୍ୟତୋୟା ଋଷିକୁଲ୍ୟା ନଦୀତଟରେ ପ୍ରାୟ ୧୮୦ଏକର କ୍ଷେତ୍ରଫଳ ଓ ୭୦୦ ମିଟର ଉଚ୍ଚତା ବିଶିଷ୍ଟ ଏକ ନୈସର୍ଗିକ ସବୁଜ ବଳୟ ବିଶିଷ୍ଟ ପାହାଡ଼ରେ କରୁଣାମୟୀ ମା' ତାରାତାରିଣୀଙ୍କ ଭବ୍ୟ ମନ୍ଦିର। ବଶିଷ୍ଠ ସଂହିତା ଅନୁସାରେ ଏହା ତାରାକକ୍ଷ ପର୍ବତ, ବିଷ୍ଣୁ ଦାଶ ରଚିତ କାଳୀ ପୁରାଣରେ ଏହା ପୂର୍ବ ରତ୍ନଗିରି, ରାଜସ୍ୱ ରେକର୍ଡରେ ଏହା କୁମାରୀ ପାହାଡ଼ ଓ ମା'ଙ୍କ ମନ୍ଦିର ପାଇଁ ଏହା ତାରାତାରିଣୀ ପାହାଡ ନାମରେ ବହୁଳ ଭାବେ ପରିଚିତ। ଦେବୀ ପୁରାଣ ଓ ଶକ୍ତି ମହାତ୍ମ୍ୟରୁ ଜଣାଯାଏ ଯେ ଦକ୍ଷ ଯଜ୍ଞରେ ସତୀ ପାର୍ବତୀ ନିଜ ସ୍ୱାମୀଙ୍କ ଅପମାନକୁ ସହ୍ୟ କରିନପାରି ଯଜ୍ଞ କୁଣ୍ଡରେ ଆତ୍ମାହୂତି ଦେଇଥିଲେ। ଭଗବାନ ଶିବ ଏହା ଜାଣିପାରି ମାତା ସତୀଙ୍କ ଅର୍ଦ୍ଧଦଗ୍ଧ ଶରୀରକୁ ଧାରଣ କରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଶିବଙ୍କ ଏହି ପ୍ରଳୟ ତାଣ୍ଡବ ନୃତ୍ୟରେ ସାରା ବସୁଧା ପ୍ରକମ୍ପିତ ହେବାକୁ ଲାଗିଲା। ଭଗବାନ ବିଷ୍ଣୁ ସୃଷ୍ଟି ରକ୍ଷା ଲାଗି ନିଜର ସୁଦର୍ଶନ ଚକ୍ରରେ ମାତା ସତୀଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରି କାଟି ଦେଇଥିଲେ। ସେହି ଅଙ୍ଗ ପ୍ରତ୍ୟଙ୍ଗ ସବୁ ବିଭିନ୍ନ ସ୍ଥାନରେ ପଡି ପରବର୍ତ୍ତୀ ସମୟରେ ସେଠାରେ ଆଦି ଶକ୍ତିପୀଠ ଭାବେ ପୂଜିତ ହେଉଛନ୍ତି। ମାତା ସତୀଙ୍କ ସ୍ତନ ଯୁଗଳ ଏହିଠାରେ ପଡ଼ିଥିବାରୁ ଏହା ସ୍ତନପୀଠ ଭାବେ ମଧ୍ୟ ଜଣାଯାଏ।

ବାଲ୍ମିକୀ ରାମାୟଣରେ ମଧ୍ୟ ମା' ତାରାତାରିଣୀଙ୍କ ସମ୍ପର୍କରେ ଜଣାଯାଏ ଯେ ରାବଣ ସତୀ ସୀତାଙ୍କୁ ହରଣ କରି ଅଶୋକ ବନରେ ରଖିଥିବା ବେଳେ ସୀତାଙ୍କ ଦୁଇ ଆଖିରୁ ଦୁଇ ଟୋପା ଲୁହଝରି ତାଙ୍କର ମାନସ କନ୍ୟା ଭାବେ ଆବିର୍ଭାବ ହୋଇ ତାଙ୍କୁ ସମସ୍ତ ବିପଦରୁ ରକ୍ଷା କରୁଥିଲେ। ସେହିପରି ଦଶମହାବିଦ୍ୟାର ତାନ୍ତ୍ରିକ ଆଲୋଚନା ଓ କୁବୁଜିକା ତନ୍ତ୍ରର ବର୍ଣ୍ଣନା ଅନୁସାରେ ତାରକତ୍ୱ ହେତୁ ସେ ତାରାତାରିଣୀ ନାମରେ ପରିଚିତ। ପ୍ରାବନ୍ଧିକ ଡ ସତ୍ୟନାରାୟଣ ରାଜଗୁରୁ ତାଙ୍କ "ଦୈବୀ ଆରାଧନାରେ ଆଦିବାସୀ ପ୍ରଭାବ' ଶୀର୍ଷକ ପ୍ରବନ୍ଧରେ ତାରାତାରିଣୀଙ୍କୁ ପ୍ରାକ ଆର୍ଯ୍ୟ ସଭ୍ୟତାର ଦେବୀ ବୋଲି ବର୍ଣ୍ଣନା କରିଛନ୍ତି। ସ୍ଥାନୀୟ ଲୋକକଥା ଅନୁସାରେ ପୁରୁଷୋତ୍ତମପୁର ନିକଟସ୍ଥ ବୀର ଜଗନ୍ନାଥପୁର ଶାସନ ଗ୍ରାମରେ ଜୈନିକ କୁଳୀନ ବ୍ରାହ୍ମଣ ପରିବାରରେ ଜନ୍ମିତ ଦୁଇ ଭଉଣୀ ଘର ଛାଡ଼ିଯିବା ସମୟରେ ଜଣେ କାଚରାଠାରୁ କଳାଚୁଡ଼ି ପିନ୍ଧି ବାପାଙ୍କଠାରୁ ପଇସା ନେବାପାଇଁ କହି ଚାଲିଯାଇଥିଲେ। ପରେ ବାପାଙ୍କୁ ସ୍ୱପ୍ନାଦେଶ ଦେଇ ଆମେ ଦୁଇଭଉଣୀ ତାରାତାରିଣୀ ପାହାଡ଼ରେ ଅବସ୍ଥାନ କରୁଛୁ, ଆମକୁ ପ୍ରତିଷ୍ଠିତ କରିବାକୁ କହିଥିଲେ। ପରବର୍ତ୍ତୀ ସମୟରେ ବସୁ ପ୍ରହରାଜଙ୍କ ଦ୍ୱାରା ଏକ ତନ୍ତ୍ରଯଜ୍ଞର ଆୟୋଜନ କରାଯାଇ ମା'ଙ୍କ ପ୍ରତିଷ୍ଠା କାର୍ଯ୍ୟ ସଂପନ୍ନ ହୋଇଥିବା ଜଣାଯାଏ।

## ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଶିକ୍ଷକ ସଂଘର ଦାବିପତ୍ର



କୁକୁଡ଼ାଖଣ୍ଡି,୧୭।୯(ସମିସ): ରାଜ୍ୟ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଆହ୍ୱାନକ୍ରମେ କୁକୁଡ଼ାଖଣ୍ଡି ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ୪ ଦଫା ଦାବିପତ୍ର ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ ନିଯୁକ୍ତି ଉଚ୍ଛେଦ କରି ନିୟମିତ ଶିକ୍ଷକର ମାନ୍ୟତା ପ୍ରଦାନ, ଶିକ୍ଷା ସହାୟକ ଓ କନିଷ୍ଠ ଶିକ୍ଷକଙ୍କ ୬ ବର୍ଷର କାର୍ଯ୍ୟକାଳକୁ ୬ଟି ନୋସନାଲ ଇନକ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିବା, ସମସ୍ତ ଲେଭେଲ-ଭି (ଏ) ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ୩୫,୪୦୦ ଦରମା, ୨୦୧୧ ମସିହା ପୂର୍ବ ନିଯୁକ୍ତି ଶିକ୍ଷକମାନଙ୍କ ପଦୋନ୍ନତି ନିମନ୍ତେ ଶିକ୍ଷକ ଯୋଗ୍ୟତା ବାଧ୍ୟତାମୂଳକ କରା ନଯାଉ ଓ ଶିକ୍ଷକମାନଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଲାଗୁ କରାଯିବା ଭଳି ଦାବି ରହିଛି। ବ୍ଲକ ସଭାନେତ୍ରୀ ଉଷାରାଣୀ ସାହୁଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ସରକାରଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ଗଞ୍ଜାମ ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ହେମନ୍ତ କୁମାର ସେଠୀ, ରାଜ୍ୟ ସଂଘ ସହ ସମ୍ପାଦକ ମୁକ୍ତିରାମ ପାଣିଗ୍ରାହି, ବ୍ଲକ ସମ୍ପାଦକ ଡ଼ଃ ସନାତନ ପ୍ରଧାନ, ଉପସଭାପତି ତ୍ରିପତି ପାତ୍ରୀ, କୋଷାଧ୍ୟକ୍ଷ ଉମା ଶଙ୍କର ନାୟକ, ଶିଶିର ପାଢ଼ୀ, ଲକ୍ଷ୍ମୀକାନ୍ତ ଦାସ, ରମେଶ ଚନ୍ଦ୍ର ସେଠୀ, ମୀନକେତନ ଦୋରା, ଶିବଶଙ୍କର ଚୌଧୁରୀ, ଅଶୋକ କୁମାର ସେଠୀ, ଇ.ମମତା, ସବିତା ପାତ୍ରଙ୍କ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ବାଲିଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଗଞ୍ଜାମ,୧୭।୯(ସମିସ): ଗଞ୍ଜାମ ବ୍ଲକର ପ୍ରସିଦ୍ଧ ବଟେଶ୍ୱରରେ ବାଲିଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ବଟେଶ୍ୱର ଐତିହ୍ୟ ସରକ୍ଷଣ ପରିଚାଳନା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ପରିଚାଳନା କମିଟି ଉପଦେଷ୍ଟା ତଥା ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ଛୋଟରାଏ, କମିଟି ସଭାପତି ପିତାମ୍ବର ସ୍ୱାଇଁ, ଉପସଭାପତି ଶବର କୁମାର ତରାଇ, ସମ୍ପାଦକ ରଞ୍ଜିତ କୁମାର ପଲାଇ, କୋଷାଧ୍ୟକ୍ଷ ନିରାକାର ଜେନା, ବୃନ୍ଦାବନ ପ୍ରଧାନ, ପବିତ୍ର ସ୍ୱାଇଁ, ଶିବରାମ ପଲାଇ, ତ୍ରିନାଥ ରେଡି, ଚେନେୟା, କୃଷ୍ଣଚନ୍ଦ୍ର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ଶିବପ୍ରସାଦ ସ୍ୱାଇଁଙ୍କ ସମେତ ସମସ୍ତ କମିଟି ସଦସ୍ୟ ଉପସ୍ଥିତ ଥିଲେ। ଆରମ୍ଭରେ ପୂର୍ବ ବୈଠକର ଆୟବ୍ୟୟ ଉପରେ ଆଲୋଚନା ହୋଇଥିଲା। ଆସନ୍ତା ଅକ୍ଟୋବର ୨୮ ରୁ ନଭେମ୍ବର ୧ ପର୍ଯ୍ୟନ୍ତ ଯାତ୍ରା ଇନ୍ଦ୍ର ଭୁବନ ଟିକେଟ ଶୋ ଦ୍ୱାରା ନାଟକ ପରିବେଷଣ କରିବ। ଏଥିପାଇଁ କଣ୍ଟିଆ ଗଡ଼ ଠାରୁ ଉଭୟ ରାସ୍ତା ସଫେଇ କରାଯିବା ଲାଗି ଆଲୋଚନା ହୋଇଥିଲା। ପ୍ରକାଶଯୋଗ୍ୟ ପ୍ରତିବର୍ଷ ଏହି କାର୍ତ୍ତିକ ପୂର୍ଣ୍ଣମୀ ଓ ବାଲିଯାତ୍ରାକୁ ସ୍ଥାନୀୟ ଛଅ ଖଣ୍ଡ ଗ୍ରାମବାସୀ ତଥା କଣ୍ଟିଆଗଡ଼, ଖଟୁଆ କୁଦା, ମୟୁରପଦା, ଗୋଖରକୁଦା, ନୀଳାଦ୍ରିପୁର ଓ ପୋଡମ ପେଟା ଗ୍ରାମ ଯାତ୍ରା ପରିଚାଳନା କରି ଆସୁଛନ୍ତି।

## ଗଞ୍ଜେଇ ଜବତ; ଜଣେ ଗିରଫ

ଧରାକୋଟ,୧୭।୯(ସମିସ): ଜିଲ୍ଲା ମୋବାଇଲ ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶ କ୍ରମେ ଧରାକୋଟ ଥାନା ଅନ୍ତର୍ଗତ ଘାସିବିଲି ଛକରେ ଅବକାରୀ ବିଭାଗ କର୍ମଚାରୀ ସନ୍ଦେହରେ ଗୋଟିଏ ଅଟୋକୁ ଅଟକାଇ ଯାଞ୍ଚବେଳେ ସେଥିରେ ତିନୋଟି ଜରି ବସ୍ତାରେ ଥିବା ୪୫ କିଲୋ ଗଞ୍ଜେଇ ମିଳିଥିଲା। ଉକ୍ତ ଗଞ୍ଜେଇ ଜବତ କରିବା ସହ ଏହି ଚାଲାଣ ଅଭିଯୋଗରେ କନ୍ଧମାଳ ଜିଲ୍ଲାର କୁମ୍ଭାରୀପଦର ଗ୍ରାମର ବିମଳ ବି. ସିଂ(୨୫)କୁ ଗିରଫ କରିଛନ୍ତି। ଏହି ଗଞ୍ଜେଇକୁ କନ୍ଧମାଳରୁ ବ୍ରହ୍ମପୁର ନେଉଥିବା ବିମଳ ପ୍ରକାଶ କରିଛି। ଏ ସମ୍ପର୍କରେ ଅବକାରୀ ପୁଲିସ ମାମଲା (ନଂ.୭୦/୨୫) ରୁଜୁକରି ଅଭିଯୁକ୍ତକୁ କୋର୍ଟଚାଲାଣ କରିଛି। ଏହି ଚଢ଼ଉରେ ଅବକାରୀ ଇନ୍ସପେକ୍ଟର ଅଂଶୁମାନ ଜେନା, ଅବକାରୀ ଏଏସଆଇ କୁମୁଦ ନାୟକ, କନେଷ୍ଟବଳ ମଧୁସୂଦନ ଯାନୀ, ସାନ୍ତନୁ ବେହେରା ପ୍ରମୁଖ ସାମିଲ ଥିଲେ।

## ବିଜେପି ମହିଳା ଦଳର ଧାରଣା



କୋଦଳା,୧୭।୯(ସମିସ): ବେଗୁନିଆପଡା ବ୍ଲକ ପରିସରରେ ଖୋଦ୍ ବିଜେପି ମହିଳା ଦଳ ପକ୍ଷରୁ ବିଭିନ୍ନ ଦାବି ନେଇ କାର୍ଯ୍ୟାଳୟ ଘେରଉ ସହ ଦାବିପତ୍ର ପ୍ରଦାନ କରାଯାଇଛି। ଦୀର୍ଘଦିନ ହେଲା ବେଗୁନିଆପଡା ବ୍ଲକରେ ବିଡ଼ିଓ ପଦବୀ ଖାଲି ରହିଛି। କୋଦଳା ତହସିଲଦାର ସସ୍ମିତା ଶତପଥି ବିଡ଼ିଓ ଦାୟିତ୍ୱରେ ଅଛନ୍ତି। ତହସିଲ କାର୍ଯ୍ୟ, ବିଡ଼ିଓ ଦାୟିତ୍ୱ ସାଙ୍ଗକୁ କୋଦଳା ସବ ରେଜିଷ୍ଟର ଦାୟିତ୍ୱରେ ରହିଥିବା ଫଳରେ ବ୍ଲକ କାର୍ଯ୍ୟାଳୟରେ ସମୟ ଦେଉନାହାନ୍ତି। ତେଣୁ ସାଧାରଣ ଜନତା ଅଭିଯୋଗ କରିବାକୁ ବ୍ଲକକୁ ଆସି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ନିରାଶରେ ଫେରୁଛନ୍ତି। ଏଣୁ ସ୍ଥାୟୀ ବିଡ଼ିଓ ନିଯୁକ୍ତି କରାଯାଇ, ସ୍କୁଲ ପିଲାଙ୍କୁ ଡ୍ରେସ ଯୋଗାଣ ପାଇଁ ମହିଳା ସଂଘକୁ ନିର୍ଦେଶ ଦିଆଯାଇଥିବା ବେଳେ ସେଥିରେ ଅନିୟମିତତା ହୋଇଥିବା ଅଭିଯୋଗ କରିବା ସହ କାହା ପ୍ରରୋଚନାରେ ଏହି ଅନିୟମିତତା କରାଯାଇଛି। ଏହି ଅଭିଯୋଗ ନେଇ ଦଳୀୟ ନେତ୍ରୀ ପିଙ୍କି ପ୍ରଧାନ ଓ ଛାୟା ବେହେରାଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେବାସହ ଏକ ଦାବିପତ୍ର ଭାରପ୍ରାପ୍ତ ବିଡ଼ିଓ ଦୁର୍ଗା ପ୍ରସାଦ ପଣ୍ଡାଙ୍କୁ ପ୍ରଦାନ କରିଥିଲେ। ପ୍ରକାଶ ଥାଉକି, ଏହାକୁ ନେଇ ଏହି ସଦସ୍ୟାମାନେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଜଣାଇଥିବା ବେଳେ ପୁଣି ଚଳିତ ମାସ ୧୨ତାରିଖରେ ଜିଲ୍ଲାପାଳଙ୍କ ନିକଟକୁ ଦାବିପତ୍ର ପଠାଇଥିଲେ।

## ଶାରଦୀୟ ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ



ମୋହନା,୧୭।୯(ସମିସ): ଶାରଦୀୟ ଦୁର୍ଗାପୂଜା ନିମନ୍ତେ ମୋହନା ଶ୍ରୀନୀଳକଣ୍ଠେଶ୍ୱର ବଣିକ ସଂଘ ପକ୍ଷରୁ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବଣିକ ସଂଘ ସଦସ୍ୟ ବାଜାବାଜଣା ସହ ମା' ମାଣିକେଶ୍ୱରୀ ମନ୍ଦିରକୁ ଯାଇ ପୂଜା ନିମନ୍ତେ ଆଜ୍ଞାମାଳ ଆଣିଥିଲେ। ପରେ ପୂଜା ସ୍ଥଳରେ ଆସନ୍ତା ସପ୍ତମୀଠାରୁ ମା' ଦୁର୍ଗାଙ୍କ ଶାରଦୀୟ ପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ସଂଘ ଉପସଭାପତି ପ୍ରକାଶ ଚନ୍ଦ୍ର ସାହୁ, ସମ୍ପାଦକ ଶଙ୍କର ବିଷୋୟୀ, ସହସମ୍ପାଦକ ରବି ସାମନ୍ତରାଙ୍କ ସମେତ ସଦସ୍ୟ ଟି. ପରଶୁରାମ ଆଚାରୀ, ଜଗନ ସାହୁ ଓ ସନୁ ପାଣିଗ୍ରାହୀ ଯୋଗ ଦେଇଥିଲେ।

## ଆଦାନୀ ଗ୍ରୁପ ପକ୍ଷରୁ ବନ୍ଦର ଖନନ ଆରମ୍ଭ



ଛତ୍ରପୁର,୧୭।୯(ସମିସ): ଆର୍ଯ୍ୟପଲ୍ଲୀ ମାଛଧରା ବନ୍ଦରର ମତ୍ସ୍ୟଜୀବୀମାନଙ୍କ ଦୀର୍ଘ ଦିନର ସଂଘର୍ଷ ବାସ୍ତବରେ ପରିଣତ ହୋଇଛି। ମତ୍ସ୍ୟଜୀବୀମାନଙ୍କ ଡଙ୍ଗାର ଯାତାୟତ ପାଇଁ ଆଜି ଆଦାନୀ ଗୋପାଳପୁର ବନ୍ଦର ପକ୍ଷରୁ ଅତ୍ୟାଧୁନିକ ଡ୍ରେଜିଂ ମେସିନ ସ୍ଥାପନା ସହ ମୁହାଣ ଖନନ କାର୍ଯ୍ୟ ବିଧିବଦ୍ଧ ଭାବେ ଆରମ୍ଭ ହୋଇଛି। ଏହି ଆଧୁନିକ ଡ୍ରେଜିଂ ମେସିନ ସହଯୋଗରେ ମୁହାଣକୁ ଗଭୀର ସହ ପ୍ରସସ୍ତ କରାଯିବ। ଡ୍ରେଜିଂ ବାଲିକୁ ସମୁଦ୍ର କୂଳ ଲଂଘୁଥିବା ସ୍ଥାନରେ ବ୍ୟବହାର କରାଯିବ।

ଏହି ପଦକ୍ଷେପ ଫଳରେ ମତ୍ସ୍ୟଜୀବୀମାନଙ୍କ ସମୁଦ୍ର ପଥ ସୁଗମ ହେବା ସହ ତାଙ୍କର ଜୀବନଜୀବିକାକୁ ଏକ ନୂଆ ଶକ୍ତି ମିଳିବ। ଶୁଭାରମ୍ଭ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଗୋପାଳପୁର ବନ୍ଦର ବିଜନେସ ମୁଖ୍ୟ ପ୍ରଶାନ୍ତ କୁମାର ପାତ୍ର, ଭକ୍ତବନ୍ଧୁ ଶତପଥୀ, ଆଇନଜୀବୀ ପଦ୍ମ ଚରଣ ସାହୁ, ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ବନୋଜ ନାହାକ, ଏନ. ଦୀନବନ୍ଧୁ, ପି. ରାମବାବୁ, କେ. ଦାଶରଥି, ଜି. ଜଗନ୍ନାଥ, କେ. ଏଲେୟା, ବି. ସୀମାଦ୍ରୀ, ବି. ଭୀମସେନ ଓ ଏମ. ଦିଲ୍ଲୀପଙ୍କ ସମେତ ୨୭ଖଣ୍ଡ ଗାଁର ବହୁଭଦ୍ର ବ୍ୟକ୍ତି ଏବଂ ମତ୍ସ୍ୟଜୀବୀମାନେ ଉପସ୍ଥିତ ଥିଲେ।

## ପ୍ରେସ୍ କ୍ଲବ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ



ଛତ୍ରପୁର,୧୭।୯(ସମିସ): ଛତ୍ରପୁର ପ୍ରେସ୍ କ୍ଲବର ନବ ନିର୍ବାଚିତ କର୍ମକର୍ତ୍ତା ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ନିର୍ବାଚନ ଅଧିକାରୀ ତଥା ବରିଷ୍ଠ ସାମ୍ବାଦିକ ଶ୍ରୀକାନ୍ତ ମହାନ୍ତି ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ସଭାପତି ସରୋଜ କୁମାର ସାମଲ, ଉପ ସଭାପତି ପ୍ରଦୀପ କୁମାର ସାହୁ, ସମ୍ପାଦକ ଅଜିତ୍ କୁମାର ସ୍ୱାଇଁ, ସହସମ୍ପାଦକ ସନ୍ତୋଷ କୁମାର ସାହୁ ଓ କୋଷାଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ସାହୁ ନିଜ ନିଜ ଦାୟିତ୍ୱ ନେବା ପରେ ପ୍ରେସ୍ କ୍ଲବର ଉନ୍ନତି ସକାଶେ କାର୍ଯ୍ୟ କରିବେ ବୋଲି କହିଥିଲେ।

## ପୁଞ୍ଜିନିବେଶ ସଚେତନତା ଶିବିର

କୋଦଳା,୧୭।୯(ସମିସ): କୋଦଳା ସ୍ଥିତ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ରଘୁନାଥ ମୁଦୁଲିଙ୍କ ଅଧ୍ୟକ୍ଷତାରେ ପୁଞ୍ଜିନିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁଞ୍ଜିନିବେଶକ ସାଧନାକର୍ମୀ ଅଧିକାରୀ ରଘୁନନ୍ଦନ ପଟ୍ଟନାୟକ ଅର୍ଥର ସୁରକ୍ଷିତ ବିନିଯୋଗ ପାଇଁ ମାର୍ଗ ନିର୍ଦ୍ଦେଶ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ, ବିଭିନ୍ନ ବିଭାଗୀୟ ଅଧ୍ୟାପକ ଅଧ୍ୟାପିକା ଏବଂ ଅଣ ଶିକ୍ଷକ କର୍ମଚାରୀ ଯୋଗଦାନ କରିଥିଲେ।

## ଚୋରି ଅଭିଯୋଗରେ ୨ ଗିରଫ

### ନଗଦ ଟଙ୍କା ସହ ସ୍ୱର୍ଣ୍ଣ ଅଳଙ୍କାର ଜବତ

ଆସିକା,୧୭।୯(ସମିସ): କୋଟିନଡ଼ା ଥାନା ଇଲାକାରେ ଗତ ୧୫ ତାରିଖ ଅପରାହ୍ନରେ ପୂଜାରୀ ମହାନ୍ତିଙ୍କ ଘରେ କେହି ନଥିବା ସୁଯୋଗ ନେଇ ଦୁର୍ବୃତ୍ତ ଘରେ ଥିବା ୧୫ଲକ୍ଷ ଟଙ୍କା ସମେତ ୬୦ତୋଳା ସୁନା ଓ ୬୦ତୋଳା ରୁପା ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଦୁଇ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପ୍ରଶାନ୍ତ ସ୍ୱାଇଁ ଏବଂ ରୋଷନ ମହାନ୍ତି ବୋଲି ପୁଲିସ କହିଛି।

ସେମାନଙ୍କଠାରୁ ନଗଦ ୮ ଲକ୍ଷ ୧୭ ହଜାର ଟଙ୍କା, ଦୁଇଟି ସୁନା ଚେନ୍, ମଙ୍ଗଳସୂତ୍ର, ସୁନାଶଙ୍ଖା, ସୁନାମୁଦି, ଝିକା, କାନର ସମେତ ରୁପା ମଧ୍ୟ ଜବତ କରିଛି ପୁଲିସ।

● ଜଗନ୍ନାଥପ୍ରସାଦ ହାଜତ ମୃତ୍ୟୁ ମାମଲା

## ରାଜ୍ୟ ସରକାରଙ୍କୁ ୮ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

କଟକ,୧୭।୯(ସମିସ): ବହୁଚର୍ଚ୍ଚିତ ଗଞ୍ଜାମ ଜିଲ୍ଲାର ଜଗନ୍ନାଥପ୍ରସାଦ ହାଜତ ମୃତ୍ୟୁ ମାମଲାରେ ରାଜ୍ୟ ମାନବାଧିକାର କମିସନ (ଓଏଚଆରସି) ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ସମ୍ବେଦନଶୀଳ ଘଟଣାରେ ମୃତକଙ୍କ ପରିବାରକୁ ୮ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଓଏଚଆରସି। ଆଇନଜୀବୀ ଓ ମାନାବାଧିକାର କର୍ମୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଅସୀମ ଅମିତାଭ ଦାସ ଓ ଚିତ୍ତରଞ୍ଜନ ମହାପାତ୍ରଙ୍କୁ ନେଇ ଗଠିତ ଓଡିଶା ମାନବାଧିକାର କମିସନଙ୍କ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଅଢେଇ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିଥିବା ହେତୁ ଅବଶିଷ୍ଟ ୫ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ୨ ମାସ ମଧ୍ୟରେ ଦେବାକୁ ଗୃହ ସଚିବଙ୍କୁ ଆଦେଶ ଦିଆଯାଇଛି।

ମାମଲାର ବିବରଣୀରୁ ପ୍ରକାଶ ଯେ, ଗତ ୨୦୧୫ ଜୁନ ୮ ତାରିଖରେ ଜଗନ୍ନାଥପ୍ରସାଦ ଥାନା ପଟାଧାର ଗ୍ରାମର ଗୌରହରି ସ୍ୱାଇଁଙ୍କୁ ଏକ ଚୋରି ମାମଲାରେ ପଚରାଉଚରା କରିବାକୁ ଜଗନ୍ନାଥପ୍ରସାଦ ପୁଲିସ ଥାନାକୁ ଆଣିଥିଲେ। କିନ୍ତୁ ହାଜତରେ ଶାରୀରିକ ନିର୍ଯାତନା ଯୋଗୁଁ ତାଙ୍କର ପରଦିନ ଅର୍ଥାତ ଜୁନ ୯ ତାରିଖରେ ମୃତ୍ୟୁ ହୋଇଥିଲା ବୋଲି ଅଭିଯୋଗ ହୋଇଥିଲା। ମୃତକଙ୍କ ପତ୍ନୀଙ୍କ ଲିଖିତ ଅଭିଯୋଗ ଆଧାରରେ ପୁଲିସ କର୍ମଚାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥଲା। ପରବର୍ତ୍ତୀ ସମୟରେ ରାଜ୍ୟ ପୁଲିସ ବିଭାଗର ମାନବାଧିକାର ସୁରକ୍ଷା ସେଲ୍ ଏହି ମାମଲାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଗତ ୨୦୨୩ ଫେବୃଆରୀ ୧୧ରେ ଚାର୍ଜସିଟ୍ ଦାଖଲ କରିଥିଲା। ପୁଣି ଭଞ୍ଜନଗର ବିଚାରବିଭାଗୀୟ ମାଜିଷ୍ଟ୍ରେଟ ମଧ୍ୟ ତଦନ୍ତ କରି ଗୌରହରି ସ୍ୱାଇଁଙ୍କ ମୃତ୍ୟୁ ଏକ ହାଜତ ମୃତ୍ୟୁ ବୋଲି ଦର୍ଶାଇଥିଲେ। ଏସବୁ ତଥ୍ୟକୁ ଭିତ୍ତିକରି ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପ୍ରାର୍ଥନା କରି ଆବେଦନକାରୀ ଓଏଚଆରସିଙ୍କ ଦ୍ୱାରସ୍ଥ ହୋଇଥିଲେ।

### ସରୁନି ସାର ସଂକଟ ଦୁଃଖ

# ସାରକୁ ଅପେକ୍ଷା କରି ଅଚେତ ହେଲେ ଚାଷୀ

ସାନଖେମୁଣ୍ଡି,୧୭।୯(ସମିସ)



ସାନଖେମୁଣ୍ଡିରେ ସରୁନି ଚାଷୀଙ୍କ ଦୁଃଖ। ସାର ପାଇଁ ଚାଷୀ ରାତିଦିନ ଏକ କରି ଗୋଟାଏ ସାର ବସ୍ତା ପାଇବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ସାନଖେମୁଣ୍ଡି ବ୍ଲକ ରାଧାଦେଇପୁର ସେବା ସମବାୟ ସମିତି ଓ ଖଳିଙ୍ଗି ସେବା ସମବାୟ ସମିତିରେ। ପ୍ରାୟ ୪ ଦିନ ହେବ ରାଧାଦେଇପୁର ସେବା ସମବାୟ ସମିତିକୁ ୟୁରିଆ ସାର ଆସିଥିଲେ ମଧ୍ୟ ଚାଷୀଙ୍କୁ ମିଳିନଥିବା ହେତୁ ଚାଷୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗୋଟାଏ ବସ୍ତା ସାର ପାଇବାକୁ ରାତିଦିନ ଏକ କରି ସମିତି ଆଗରେ ଅପେକ୍ଷା କରିଥିବା ବେଳେ ଚାଷୀଙ୍କୁ ସାର ମିଳିନାହିଁ। ବୁଧବାର ଭୋରୁ ଚାଷୀମାନେ ସେବା ସମବାୟ ସମିତିରେ ଲାଇନରେ ଛିଡ଼ା ହୋଇଥିବା ବେଳେ ଦିନ ୧୦ଟାରେ ସେବା ତାଲା ଖୋଲାଯାଇଥିଲା। କିଛି ଚାଷୀଙ୍କୁ ସାର ଦେଇଥିବା ବେଳେ ଫିଙ୍ଗର ପ୍ରିଣ୍ଟ ମେସିନ କାମ କରୁନି କହି ସାର ବଣ୍ଟନ ବନ୍ଦ କରିଦେଇଥିଲେ ସମିତି କର୍ମଚାରୀ। ଫଳରେ ସାର ପାଇଁ ଅପେକ୍ଷା କରିଥିବା ଚାଷୀ ନିରାଶ ହୋଇ ଫେରିଯାଇଥିଲେ।

ସେହିପରି ଖଳିଙ୍ଗି ସେବା ସମବାୟ ସମିତିରେ ଚାଷୀ ସାର ପାଇବାକୁ ଭୋରରୁ ଲାଇନରେ ଥିବା ସମୟରେ ଚାଷୀମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିବା ବେଳେ ପୁଲିସ ପହଞ୍ଚି ଲୋକ ବୁଝାଶୁଝା କରିବା ପରେ ପରିସ୍ଥିତ ଶାନ୍ତ ପଡିଥିଲା। ସାର ନେବାକୁ ଅପେକ୍ଷା କରିଥିବା ୩ ଜଣ ମହିଳା ଚାଷୀ ପ୍ରବଳ ଖରାରେ ଅଚେତ ହୋଇଯାଇଥିବା ମଧ୍ୟ ଦେଖିବାକୁ ମିଳିଛି। ଖଳିଙ୍ଗି ସେବା ସମବାୟ ସମିତିରେ ଗୁରୁବାର ସାର ବଣ୍ଟନ ନେଇ ସୂଚନା ମିଳିଛି। ରାମଚନ୍ଦ୍ରପୁର ସେବା ସମବାୟ ସମିତିରେ ପାକ୍ସ କର୍ତ୍ତୃପକ୍ଷ ପ୍ରଥମେ ଋଣ ନେଇଥିବା ଚାଷୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ପ୍ରତି ଚାଷୀ ପିଛା ଗୋଟିଏ ପ୍ୟାକେଟ ଲେଖାଏ ସାର ବସ୍ତା ପୁଲିସ ଉପସ୍ଥିତିରେ ଶାନ୍ତିଶୃଙ୍ଖଳା ସହ ସାର ଦିଆଯାଇଥିବା ଦେଖିବାକୁ ମିଳିଛି।

ଭଞ୍ଜନଗର: ବୁଧବାର ଭଞ୍ଜନଗର ବ୍ଲକର ବିଭିନ୍ନ ସୋସାଇଟିରେ ବିକ୍ରି ପାଇଁ ସରକାର ଗୋଟିଏ ଲେଖାଏ ଟ୍ରକ ସାର ଯୋଗାଇ ଦେଇଥିଲେ। ଅନେକ ସ୍ଥାନରେ ବିଶୃଙ୍ଖଳା ଦେଖା ଦେବାରୁ ଚାଷୀ ସାର ପାଇ ପାରିନାହାନ୍ତି। ଢୋଲପିଟା ସୋସାଇଟିରେ ଗଣ୍ଡଗୋଳ ଯୋଗୁ ସାର ବିକ୍ରି ବନ୍ଦ ହୋଇଯାଇଥିଲା। ଯାହାକୁ ନେଇ ଉତ୍ତେଜନା ବଢିଥିଲା। ଗାଲେରି ପୁଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ୨ ଦିନ ପରେ ଉକ୍ତ ସୋସାଇଟିର ଚାଷୀଙ୍କୁ ସାର ବିକ୍ରି କରାଯିବ। ସେହିଭଳି ବଡ଼କୋଦଣ୍ଡା ସମେତ ଅନ୍ୟାନ୍ୟ ସୋସାଇଟିରେ ମଧ୍ୟ ବିଶୃଙ୍ଖଳା ଦେଖାଦେଇଥିଲା। ମୁଜାଗଡ ସୋସାଇଟିରେ ଅନେକ ଚାଷୀ ଆଗୁଆ ଆସି ମଧ୍ୟ ସାର ପାଇନପାରି ନିରାଶରେ ଫେରିଥିବା ଅଭିଯୋଗ ହୋଇଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# କଳିଙ୍ଗା ଘାଟିରେ ଭୂ-ସ୍ଖଳନ ପରେ ଯାତାୟାତ ବନ୍ଦ





ଜି.ଉଦୟଗିରି, ୧୭।୯ (ସମିସ)

କନ୍ଧମାଳ ଜିଲ୍ଲା କଳିଙ୍ଗା ଘାଟିରେ ହୋଇଥିବା ବଡ଼ ଧରଣର ଭୂ-ସ୍ଖଳନରେ ଗଞ୍ଜାମ ଜିଲ୍ଲା ସହିତ କନ୍ଧମାଳର ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଯାତାୟାତ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଛି। ଏହାକୁ ଦୃଷ୍ଟିରେ ରଖି ଉଭୟ ପଟକୁ ସିଲ କରାଯାଇଥିବା ବେଳେ କାହାକୁ ଛଡ଼ାଯାଉନାହିଁ। ପାଗ ଅନୁକୂଳ ଥିବାରୁ ରାସ୍ତା ମରାମତି କାମ ଆରମ୍ଭ ହୋଇଛି। ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତରେ ଜେସିବି ସାହାଯ୍ୟରେ ବଡ଼ ବଡ଼ ପଥର ସହିତ ମାଟି ବାହାର କରାଯାଉଛି। ଯେତେଶୀଘ୍ର ହୋଇପାରିବ ଛୋଟ ଗାଡ଼ି ପାଇଁ ରାସ୍ତା ବାହାର କରିବାକୁ ଚେଷ୍ଟା ଚାଲିଛି ବୋଲି ଜଣେ ଅଧିକାରୀ କହିଛନ୍ତି। ଭୂସ୍ଖଳନରେ ରାସ୍ତା ୫୦ ଫୁଟ ଧସି ଯାଇଥିବା ବେଳେ ପୁରା ପକ୍କା ରାସ୍ତା କରିବାକୁ

- ଚାଲିଛି ରାସ୍ତା ମରାମତି; ଉଭୟ ପାର୍ଶ୍ୱ ସିଲ୍
- କାଳ ହେଲା ରାସ୍ତା ଚଉଡ଼ା ନାଁରେ ଗଛ କାଟିବା ଓ ଭାଇବ୍ରେଟର ବ୍ୟବହାର

ମାସ ମାସ ସମୟ ଲାଗିବ ବୋଲି କୁହାଯାଇଛି। ଏହାକୁ ନେଇ ଚିନ୍ତା ବଢ଼ିଛି। କିଛିଦିନ ପୂର୍ବେ ଏକ ବିରାଟ କାୟ ପଥର ଖସିବା ଦେଖି ଲୋକେ ଯାତାୟାତ ବେଳେ ଭୟଭୀତ ଥିବାବେଳେ ସୋମବାର ଘଟଣା ସମସ୍ତଙ୍କୁ ଚକିତ କରିଛି। ପୂର୍ବରୁ ଏହି ଘାଟିରେ ଏଭଳି କେବେ ହୋଇନଥିବା ବେଳେ ବାରମ୍ବାର ରାସ୍ତା ଓସାରିଆ କରାଯିବା ନାମରେ ଗଛ କାଟିବା, ଭାଇବ୍ରେଟର ଚଳାଇବା ମହାଙ୍ଗା ପଡ଼ିଛି ବୋଲି କିଛି ପୁରୁଖା ଲୋକେ କହିଛନ୍ତି। ଗଞ୍ଜାମ ଜିଲ୍ଲା ଉପରେ ବ୍ୟବସାୟ କ୍ଷେତ୍ରରେ କନ୍ଧମାଳ ପୁରା ନିର୍ଭର କରୁଥିବା ବେଳେ ଏହି ପ୍ରମୁଖ ରାସ୍ତା ବିଚ୍ଛିନ୍ନ ହେବା ଫଳରେ ବିକଳ୍ପ ରାସ୍ତାରେ ଅଧିକ ତିରିଶି କିମି ଗାଡ଼ି ବୁଲି ବୁଲି ଆସିବା ଫଳରେ ସମୟ ସହିତ, ଭଡ଼ା ଅଧିକ ହେଉଥିବାରୁ ଦରଦାମ ପ୍ରଭାବିତ ହେବା ଆଶଙ୍କା ପ୍ରକାଶ ପାଇଛି।

## ବନବିଭାଗ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା



ଫିରିଙ୍ଗିଆ, ୧୭।୯ (ସମିସ): ଫିରିଙ୍ଗିଆ ବନାଞ୍ଚଳ କାର୍ଯ୍ୟାଳୟ ସଭାଗୃହରେ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୭ଟି ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଷଷ୍ଠଶ୍ରେଣୀଠାରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଫିରିଙ୍ଗିଆ ବନାଞ୍ଚଳ ତରଫରୁ ସୂଚନା ମିଳିଛି। ଫିରିଙ୍ଗିଆ ବନାଞ୍ଚଳରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ନୋଡ଼ାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପିଏମ୍‌ଶ୍ରୀ ସରକାରୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଫିରିଙ୍ଗିଆ ଏବଂ ପିଏମଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବାଳିକା ବିଦ୍ୟାଳୟ ନେଡିପଦରର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାକୁ ଦୁଇ ଭାଗରେ ବିଭକ୍ତ କରାଯାଇଥିବା ବେଳେ ତିନୋଟି ବିଦ୍ୟାଳୟରୁ ବରିଷ୍ଠ ବିଭାଗରେ ୧୫ଜଣ ଏବଂ କନିଷ୍ଠ ବିଭାଗରେ ୧୫ଜଣ ସର୍ବମୋଟ ୩୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ୨ ବର୍ଗରୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ପାଇ ୬ ଜଣ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ଯିବା ପାଇଁ ମନୋନୀତ ହୋଇଥିଲେ। ଜିଲ୍ଲାର ସାତଟି ବନାଞ୍ଚଳରୁ କୃତକାର୍ଯ୍ୟ ହୋଇ ଆସିଥିବା ସମସ୍ତ ଛାତ୍ରଛାତ୍ରୀ ରାଜ୍ୟସ୍ତରରେ ଭାଗ ନେବେ ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି। ଚିତ୍ରାଙ୍କନ ପ୍ରତିଯୋଗିତା ରେ ବନପାଳ ଦିଲୀପ କୁମାର ବିଶୋଇ, ବନରକ୍ଷୀ ସୁଜିତ କୁମାର ପ୍ରଧାନଙ୍କ ସହ ତିନୋଟି ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

## ଦୁର୍ଘଟଣାରେ ବିଏସ୍‌ଏଫ୍ ଯବାନ ମୃତ; ୨ ଗୁରୁତର

ଫିରିଙ୍ଗିଆ, ୧୭।୯ (ସମିସ): ଖଜୁରିପଡ଼ା ବ୍ଲକ ସୁଦ୍ରୁକୁମ୍ପା ନିକଟରେ ଏକ ଗ୍ୟାସ ବୋଝେଇ ଟ୍ରକ ଠିଆ ହୋଇଥିବା ଏକ କାର୍‌କୁ ମଙ୍ଗଳବାର ସନ୍ଧ୍ୟାରେ ଧକ୍କା ଦେବାରୁ ଜଣେ ଯବାନଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିଏସ୍‌ଏଫ୍‌ର ଯବାନ ଦୀପକ ଶର୍ମା। ଏହି ଦୁର୍ଘଟଣାରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ବିଏସଏସଏଫ ଯବାନ ଚାରାରୋପଣ କରି ୫୭ ନଂ. ଜାତୀୟ ରାଜପଥରେ ଫେରୁଥିବା ବେଳେ ସୁଦ୍ରୁକୁମ୍ପା ତଳସାହି ନିକଟରେ କାର ରାସ୍ତା କଡ଼ରେ ରଖି ଛିଡ଼ା ହୋଇଥିବା ବେଳେ ବିପରିତ ଦିଗ ଫୁଲବାଣୀରୁ ବୌଦ୍ଧ ଆସୁଥିବା ଗ୍ୟାସ୍ ବୋଝେଇ ଟ୍ରକ ସାମ୍ନାରୁ ଧକ୍କା ଦେଇଥିଲା। ଏଥିରେ କାର ପାଖରେ ଥିବା ଯବାନ ଦୀପକ ଶର୍ମାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। କାର୍‌ରେ ବସିଥିବା ଅନ୍ୟ ୨ ଯବାନ ଗୁରୁତର ହୋଇଥିବାବେଳେ ସେମାନଙ୍କୁ ଉଦ୍ଧାର କରି ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣା ଘଟାଇ ଟ୍ରକ ଚାଲି ଯିବାକୁ ଚେଷ୍ଟା କରୁଥିବା ବେଳେ ଅଞ୍ଚଳବାସୀ କାବୁ କରିନେଇଥିଲେ। ଟ୍ରକ୍ ଚାଳକ ଜଣକ ନିଶାସକ୍ତ ଥିବା ଅଞ୍ଚଳବାସୀ କହିଛନ୍ତି। ଏହି ଅଞ୍ଚଳରେ ହମ୍ପସ ନ ଥିବାରୁ ଗାଡ଼ି ଗୁଡ଼ିକ ଦ୍ରୁତ ଗତିରେ ଯାତାୟାତ କରୁଛନ୍ତି ଓ ଦୁର୍ଘଟଣା ଘଟୁଛି। ଏହାର ପ୍ରତିବାଦରେ ଅଞ୍ଚଳବାସୀ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକ କରିଛନ୍ତି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିବା ଫାଣ୍ଡି ଅଧିକାରୀ ସଞ୍ଜୟ କୁମାର ବିଷୋୟୀ କହିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଆହତ ଯବାନଙ୍କ ପରିଚୟ ମିଳିପାରିନାହିଁ। ପୁଲିସ ତଦନ୍ତ ଜାରି ରଖିଛି।

## ରାୟଗଡ଼ରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ




ରାୟଗଡ଼, ୧୭।୯ (ସମିସ): ରାୟଗଡ଼ ବ୍ଲକ ସଦର ମହକୁମାରେ ବୁଧବାର ବ୍ଲକସ୍ତରୀୟ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡିଓ ସନ୍ତୋଷ କୁମାର ବାରିକଙ୍କ ନେତୃତ୍ୱରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆରମ୍ଭ ହୋଇ ବ୍ଲକ, ସ୍ୱାସ୍ଥ୍ୟକେନ୍ଦ୍ର, ବସଷ୍ଟାଣ୍ଡ ଏବ କରଡ଼ାସିଂ ପଞ୍ଚାୟତର ଟି. ଗୋବିନ୍ଦପୁର ଆଦି ବିଭିନ୍ନ ସ୍ଥାନରେ ସଫେଇ କରାଯାଇଥିଲା। ବିଭିନ୍ନ ସ୍ଲୋଗାନ ଦେଇ ସ୍ୱଚ୍ଛତା ଉପରେ ଜନସାଧାରଣଙ୍କୁ ସଚେତନତା କରାଯାଇଥିଲା। ଏହାସହ ବ୍ଲକ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ତ୍ରିପାଠୀଙ୍କ ସମେତ ବ୍ଲକ କର୍ମଚାରୀ, ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବି.ଆର. ସି ସ୍ୱରୂପ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ।

## କଳିଙ୍ଗା ସେବାଶ୍ରମରେ ଜିଲ୍ଲାସ୍ତରୀୟ ତାଲିମ ଶିବିର




ଜି.ଉଦୟଗିରି, ୧୭।୯ (ସମିସ): ଜି.ଉଦୟଗିରି ନିକଟସ୍ଥ ଆଶ୍ରମ ବିଦ୍ୟାଳୟ କଳିଙ୍ଗାରେ କନ୍ଧମାଳ ଜିଲ୍ଲାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଜି. ଉଦୟଗିରି, ରାଇକିଆ, ଟିକାବାଲି ବ୍ଲକର ସମସ୍ତ ବିଦ୍ୟାଳୟର ୫୩ ଜଣ ପ୍ରଧାନଶିକ୍ଷକଙ୍କୁ ନେଇ ଦୁଇ ଦିନିଆ ସୁରକ୍ଷା, ନିରାପତ୍ତା, ସୁସ୍ଥତା ଓ ଜୀବନକୌଶଳର ବିକାଶ ସମ୍ବନ୍ଧରେ ଆଲୋଚନାଚକ୍ର ସହ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୫ ଦଳ ଗଠନ କରି ସମସ୍ତଙ୍କୁ ସଚେତନାତ୍ମକ ଏକାଙ୍କିକା ପରିବେଷଣ କରାଯାଇଥିଲା। ଆମେ ବି ବଞ୍ଚିବୁ ଶୀର୍ଷକ ଏକାଙ୍କିକା ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ କୁଶଳ ନାୟକ, ଜିଲ୍ଲାମଙ୍ଗଳ ଅଧିକାରୀ ରବି ନାରାୟଣ ମିଶ୍ର, ଅତିରିକ୍ତ ଜିଲ୍ଲାମଙ୍ଗଳ ଅଧିକାରୀ ସତ୍ୟଜିତ ଦାସ, ଉମେଶ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ରାଜ୍ୟସ୍ତରୀୟ ସାଧନକର୍ମୀ ସୁନନ୍ଦା କାନୁନଗୋ, ଜିଲ୍ଲାସ୍ତରୀୟ ସାଧନା କର୍ମୀ ବିଶ୍ୱଜିତ ଜାଲି, ସୁଧୀର କୁମାର ସାହୁ, ତିନି ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଉର୍ମିଳା ପ୍ରଧାନ, ରୋଜାଲିନ ନାୟକ ଓ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଉଦଯାପିତ ହୋଇଥିଲା। ଶିକ୍ଷକ ଦୈତାରୀ ଡିଗାଲ, ଗୁରୁପ୍ରସାଦ ସାହୁ, ସୂର୍ଯ୍ୟକାନ୍ତି ପାଢ଼ୀ, ଅଳକା ପ୍ରଧାନ ଓ ଅଞ୍ଜନା ଦେଇ ପ୍ରଧାନ ସହଯୋଗ କରିଥିଲେ।

## ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଆଲୋଚନାଚକ୍ର




ରାଇକିଆ, ୧୭।୯ (ସମିସ): ରାଇକିଆ ଜୀବନଜ୍ୟୋତି ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ଓଡ଼ିଆ ସାହିତ୍ୟରେ ଶ୍ରୀ ଜଗନ୍ନାଥ ଶୀର୍ଷକ ଆଲୋଚନାଚକ୍ର ଏବଂ ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଲିଜାଲିନ୍ ଭୋଇ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେବା ସହିତ ଓଡ଼ିଆ ନାଟ୍ୟ ସାହିତ୍ୟରେ ଶ୍ରୀ ଜଗନ୍ନାଥଙ୍କ ମହିମା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ସଂସ୍କୃତି ଏବଂ ସାହିତ୍ୟ ଦିଗରେ ଦୃଢ଼ମନା ହେବାକୁ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟଅତିଥି ଭାବେ ସୁଧାକିରଣ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଡ଼. ଶ୍ୟାମସୁନ୍ଦର ଡାଙ୍ଗୁଆ, ମୁଖ୍ୟବକ୍ତା ଭାବେ ଜି.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟର ଡ଼. ନଳିନୀ କୁମାର ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ଥିଲେ ପ୍ରଫେସର ଭୁବନ ମୋହନ ସାହୁ ଯୋଗ ଦେଇ ବିଷୟ ସମ୍ପର୍କରେ ଆଲୋଚନା କରିଥିଲେ। +୩ ଶେଷବର୍ଷ ଛାତ୍ରୀ ସାଇଶକ୍ତି ସାହୁ ପ୍ରବନ୍ଧ ପାଠ କରିଥିଲେ। ଓଡ଼ିଆ ଅଧ୍ୟାପକ ସୁଶାନ୍ତ ମହାନନ୍ଦ ଓଡ଼ିଆ ଗଳ୍ପ ସାହିତ୍ୟରେ ଶ୍ରୀ ଜଗନ୍ନାଥ ତତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅନ୍ୟତମ ଅଧ୍ୟାପକ ଡ଼. ସନ୍ତୋଷ କୁମାର ନାୟକ,

**ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା**

ସୁକାନ୍ତ କୁମାର ନାୟକ, ବିଶ୍ୱବିହାରୀ ଦଳେଇ, ଦିଲୀପ କୁମାର ନାୟକ, ମଞ୍ଜୁଳା ସାହୁ, ଗୀତାଞ୍ଜଳି ଗନ୍ତାୟତଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଓଡ଼ିଆ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ଓଡ଼ିଆ ଅଧ୍ୟାପକ ଗଜପତି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାଳକ ଦିବସ ପାଳିତ




ଜି.ଉଦୟଗିରି, ୧୭।୯ (ସମିସ): ଓଡ଼ିଶା ମୋଟର ଚାଳକ ସଙ୍ଘ ଜି.ଉଦୟଗିରି ଶାଖା ତରଫରୁ ଆଜି ଚାଳକ ଦିବସ ପାଳିତ ହୋଇଥିଲା। ଜି.ଉଦୟଗିରି ଶାଖା ସଭାପତି ପରମାନନ୍ଦ ପ୍ରଧାନ, ସମ୍ପାଦକ ଅଲିଭା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଡ୍ରାଇଭର ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହିତ ସଡ଼କ ସୁରକ୍ଷା ଜୀବନ ରକ୍ଷା ସମ୍ପର୍କରେ ବିଭିନ୍ନ ସଚେତନତା ବାର୍ତ୍ତା ଦେଇଥିଲେ। ଦୁର୍ଘଟଣା ଶୂନ୍ୟ ଯାତ୍ରା ପାଇଁ ଦ୍ରୁତ ଗତିରେ ଗାଡ଼ି ନ ଚଳାଇବା, ହେଲେମେଟ ବ୍ୟବହାର ଓ ସିଟ୍‌ବେଲ୍ଟ ବ୍ୟବହାର କରିବା, ମାଦକ ଦ୍ରବ୍ୟ ସେବନ କରି ଗାଡ଼ି ନ ଚଳାଇବା ସମ୍ପର୍କରେ ସଚେତନତା କରାଯାଇଥିଲା।

## ସର୍ପ ଦଂଶନରେ ଜଣେ ମୃତ

ପାରଳାଖେମୁଣ୍ଡି, ୧୭।୯ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ଉପକଣ୍ଠରେ ଥିବା ରାଣିପେଣ୍ଠା ଗ୍ରାମରେ ସାପ କାମୁଡ଼ାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାଡ଼ଖଣ୍ଡ ରାଜ୍ୟର ମଙ୍ଗଳ ସିଂ (୪୦)। ରାନିପେଣ୍ଠାରେ ରହି ସେ ଇଟା ଭାଟିରେ କାମ କରୁଥିବାବେଳେ ଆଜି ତାଙ୍କୁ ସାପ କାମୁଡ଼ି ଦେଇଥିଲା।

## ମନ୍ତ୍ରୀଙ୍କ ଚିତ୍ର ଆଙ୍କି ଛାତ୍ର ପ୍ରଶଂସିତ




ଗୋଷାଣି, ୧୭।୯ (ସମିସ): ଆଜି ଗଜପତି ଜିଲ୍ଲା ଗସ୍ତରେ ଆସିଥିଲେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଗୋଷାଣି ବ୍ଲକ ଉପଲଡ଼ା ଗ୍ରାମରେ ଥିବା ଟାଗୋର ମେମୋରିଆଲ୍ ଉଚ୍ଚ ବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସମୟରେ ବିଦ୍ୟାଳୟର ଛାତ୍ର ମନ୍ତ୍ରୀଙ୍କ ଚିତ୍ର ଆଙ୍କି ଥିଲେ। ଯାହାକୁ ଦେଖି ଖୋଦ୍ ମନ୍ତ୍ରୀ ଓ ଉପସ୍ଥିତ ସମସ୍ତ ମାଣ୍ୟଗଣ୍ୟ ବ୍ୟକ୍ତି ଛାତ୍ରଙ୍କୁ ପ୍ରଶଂସା କରିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତସମୟରେ ଜିଲ୍ଲାପାଳ ମଧୁମିତା, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ଶିକ୍ଷାଧିକାରୀ ଡ.ମାୟାଧର ସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ୱାଇ. ଧର୍ମା ରାଓଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା







ଟିକାବାଲି, ୧୭।୯ (ସମିସ)

ଟିକାବାଲି ବିଶ୍ୱକର୍ମା ଶ୍ରମିକ ସଂଗଠନ ସମେତ ଟିକାବାଲିର ଜଳ ଓ ପରିମଳ ବିଭାଗ ଏବଂ ବିଭିନ୍ନ ମଟର ଗ୍ୟାରେଜରେ ଧୁମ୍‌ଧାମରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ୧୪ ବର୍ଷ ହେବ ବିଶ୍ୱକର୍ମା ଶ୍ରମିକ ସଂଗଠନ ପକ୍ଷରୁ ଟିକାବାଲି ଅଞ୍ଚଳର ଶ୍ରମିକ ବିଶ୍ୱକର୍ମ ପୂଜା ପାଳନ କରୁଛନ୍ତି। ସଂଘରେ ବର୍ତ୍ତମାନ ଟିକାବାଲି ଅଞ୍ଚଳର ପାଖାପାଖି ୩୦୦ରୁ ଅଧିକ ଶ୍ରମିକ ଥିବାବେଳେ ସଂଘର ଘର ନାହିଁ। ସେହିପରି ଟିକାବାଲିର ନାରାୟଣ ଗ୍ୟାରେଜ, ବାବୁଲା ଅଟୋ ଗ୍ୟାରେଜ, ନିଲୁ ଅଟୋ ୱାର୍କସପ ସମେତ ସମସ୍ତ ଗ୍ୟାରେଜରେ ବିଶ୍ୱକର୍ମା ପୂଜା ପାଳିତ ହୋଇଛି।

**ଜି.ଉଦୟଗିରି:** ଜି.ଉଦୟଗିରିର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା ପାଳିତ ହୋଇଛି। ବିଦ୍ୟୁତ ବିଭାଗ, ଗ୍ରାମ୍ୟ ଓ ସହର ଜଳଯୋଗାଣ ବିଭାଗ, କୁଶଳୀ କାରିଗର ସଂଘ ପକ୍ଷରୁ ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା ପାଳନ କରାଯାଇଛି। ଜଳ ଯୋଗାଣ ବିଭାଗ ତରଫରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ନରେଶ ପ୍ରଧାନ, ସହକାରୀ ଯନ୍ତ୍ରୀ ନରେଶ ପ୍ରଧାନ, ସହକାରୀ ଯନ୍ତ୍ରୀ ସୁଦର୍ଶ୍ନା ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପୂଜାରେ ଦେବରାଜ ଗୌଡ଼, ରାଜାରାମ ଲେଙ୍କା ଓ ରାମ ଶଙ୍କର ସାମନ୍ତରାୟ ସହଯୋଗ କରିଥିଲେ। ବିଶ୍ୱକର୍ମା ପୂଜା ପାଇଁ ସହର ଉତ୍ସବ ମୁଖର ହୋଇ ଉଠିଥିବା ବେଳେ ସୁଉଚ୍ଚ ତୋରଣ ସହିତ ଆଲୋକ ମାଳରେ ସୁସଜ୍ଜିତ କରାଯାଇଛି। ଏହି ଅବସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିବା ବେଳେ ସନ୍ଧ୍ୟା ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

**ଫିରିଙ୍ଗିଆ:** ଫିରିଙ୍ଗିଆ ବ୍ଲକର ବିଭିନ୍ନ ସଂଘ ଓ ଅନୁଷ୍ଠାନ ତରଫରୁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଛି। ରାଜମିସ୍ତ୍ରି ନିର୍ମାଣ ଶିଳ୍ପୀ ସଂଘ ତରଫରୁ ହୋଇଥିବା ପୂଜାରେ ସଂଘ ସଭାପତି ଅନିରୁଦ୍ଧ ଦିଗାଲ, ଉପସଭାପତି ମନୋଜ କହଁର, ସମ୍ପାଦକ ରାମକୃଷ୍ଣ ପାତ୍ର, ସହ ସମ୍ପାଦକ ବିକର୍ତମ ଖମାରି, କୋଷାଧକ୍ଷ କୁବେର କହଁର ଏବଂ ଉପଦେଷ୍ଟା ଦିବସ କହଁର, ପ୍ରମୋଦ ଖମାରି, ବୃଷଭ କହଁର, ପ୍ରଶାନ୍ତ କହଁରଙ୍କ ସହ ସଂଘର ସମସ୍ତ ସଦସ୍ୟ ଏଥିରେ ସାମିଲ ହୋଇଥିଲେ। ସେହିପରି ବିଦ୍ୟୁତ ବିଭାଗ, ବିଭିନ୍ନ ଅନୁଷ୍ଠାନ, ଜଳ ଓ ପରିମଳ ବିଭାଗ ସହ ଫିରିଙ୍ଗିଆ ବ୍ଲକ ପରିସରରେ ମଧ୍ୟ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀଙ୍କ ସହ ବିଭାଗର କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଥିଲା। ପୂଜା ହୋମ କାର୍ଯ୍ୟରେ କନିଷ୍ଠ ଯନ୍ତ୍ରୀ ସୁମନ୍ତ ଭୋଇ ଦାୟିତ୍ୱ ତୁଲାଇଥିବା ବେଳେ ବିଡ଼ିଓ ଅନୁପ ଅଭିଷେକ ବେହେରା, ସହକାରୀ ଯନ୍ତ୍ରୀ ଜୟ ପ୍ରକାଶ ଜେନା, କନିଷ୍ଠ ଯନ୍ତ୍ରୀ ସୁନୀଲ ପାତ୍ର, ଲୀନ୍ମୟ ସ୍ୱାଇଁ, ବିଭୂଦାନନ୍ଦ ବିଶ୍ୱାଳଙ୍କ ସହ ବ୍ଲକରେ କାର୍ଯ୍ୟରତ କର୍ମଚାରୀ ସାମିଲ ହୋଇଥିଲେ। କିଛି ସ୍ଥାନରେ ସାଂସ୍କୃତିକ



କାର୍ଯ୍ୟକ୍ରମ ଥିବା ଜଣାଯାଇଛି।

**ପାରଳାଖେମୁଣ୍ଡି:** ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିରେ ଉତ୍ସବମୁଖର ପରିବେଶ। ଆଜି ବିଶ୍ୱକର୍ମା ପୂଜା ହୋଇଥିବାରୁ ବହୁ ଉତ୍ସାହର ସହ ପାଳିତ ହୋଇଛି। କୌଶଳୀ କାରୀଗରଙ୍କ ଆରାଧ୍ୟ ବିଶ୍ୱକର୍ମା ହୋଇଥିବାରୁ ତାଙ୍କୁ ବେସରକାରୀ ଓ ସରକାରୀ ସ୍ତରରେ ସ୍ଥାନେ ସ୍ଥାନେ ପୂଜାର୍ଚ୍ଚନା କରାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ବିଶ୍ୱକର୍ମାଙ୍କ ଅସ୍ଥାୟୀ ମଣ୍ଡପରେ ଆଜି ସ୍ୱତନ୍ତ୍ର ହୋମ ଯଜ୍ଞ ସହ ପୂଜାର୍ଚ୍ଚନା କରାଯାଇଥିଲା ଏଥିରେ ବିଭାଗର ସମସ୍ତ ସ୍ତରର ଅଧିକାରୀ ଉପସ୍ଥିତ ରହି ବିଶ୍ୱକର୍ମାଙ୍କର ଆଶିଷ ଲାଭ କରିଥିଲେ। ସେହିପରି ସହରର ଅନେକ ଇଲେକ୍ଟ୍ରିସିଆନ୍, ଗାଡିକାରୀଗର, ବଣିକ, ମହାରଣା ନିଜ ନିଜ ଶକ୍ତି ଅନୁସାରେ ମୂର୍ତ୍ତି ସ୍ଥାପନ କରି ହୋମଯଜ୍ଞ ସହ ପୂଜାର୍ଚ୍ଚନା କରୁଥିବାର ଦେଖିବାକୁ ମିଳିଥିଲା।

## ମୁଖ୍ୟ ରାସ୍ତାରେ ଜମୁଛି ବର୍ଷା ପାଣି



ଗଞ୍ଜାମ,୧୭ ।୯ (ସମିସ): ରାଜ୍ୟ ସରକାର ବିଭିନ୍ନ ପଞ୍ଚାୟତରେ ପକ୍କା ରାସ୍ତା ନିର୍ମାଣ କରି ଗମନାଗମନ ସୁଗମ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିବା ବେଳେ କାଇଁଚପୁର ପଞ୍ଚାୟତରେ ତାହା ବ୍ୟତିକ୍ରମ ପରିଲକ୍ଷିତ ହୋଇଛି । ଗଞ୍ଜାମ ବ୍ଲକର କାଇଁଚପୁର ପଞ୍ଚାୟତର କଲ୍ୟାଣପୁର ଗ୍ରାମ ନିକଟସ୍ଥ ଝରାପଦର ପାଶ୍ୱର୍ରେ ବର୍ଷା ଜଳ ଜମି ରହୁଥିବା ଲକ୍ଷ୍ୟ କରାଯାଇଛି । ଫଳରେ ଯିବାଆସିବା କ୍ଷେତ୍ରରେ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ରାସ୍ତା ଗଞ୍ଜାମ ସହରକୁ ମଲାଡ଼ ପଞ୍ଚାୟତ ଏବଂ ବିଭିନ୍ନ ଅଞ୍ଚଳକୁ ସଂଯୋଗ କରୁଛି । ହେଲେ ରାସ୍ତାରେ ବର୍ଷା ଜଳ ଜମି ରହୁଥିବାରୁ ସମସ୍ୟା ସୃଷ୍ଟି କରୁଛି । ଉକ୍ତ ରାସ୍ତା ଦେଇ ପ୍ରତିଦିନ ଶତାଧିକ ଯାଆନବାହନ ଯିବାଆସିବା କରିଥାଏ । ଏପରିକି ବସ ଓ କ୍ୟାଣ୍ଟର ମଧ୍ୟ ପ୍ରତ୍ୟେହ ଯାଇଥାଏ । ତେଣୁ ବିଭାଗିୟ କର୍ତ୍ତୃପକ୍ଷ ତୁରନ୍ତ ଉକ୍ତ ସ୍ଥାନରେ ପକ୍କା ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

● -କବିସୂର୍ଯ୍ୟନଗର ପଞ୍ଚାୟତ ସମିତି ସମୀକ୍ଷା ବୈଠକ

## 'ବିଧାୟକଙ୍କ ମଧ୍ୟରେ ବୁଝାମଣା ହେଲେ ବିକାଶ ତ୍ୱରାନ୍ୱିତ ହେବ'



କବିସୂର୍ଯ୍ୟନଗର,୧୭ ।୯ (ସମିସ): କବିସୂର୍ଯ୍ୟନଗର ୨୧ଟି ପଞ୍ଚାୟତ ମଧ୍ୟରୁ କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀରେ ୯ଟି ଓ ଆସିକା ନିର୍ବାଚନ ମଣ୍ଡଳୀରେ ୧୨ଟି ଅନ୍ତର୍ଭୁକ୍ତ ଅଟେ । ଏପରି ଭୌଗୋଳିକ ଅବସ୍ଥିତି ହେତୁ ସର୍ବଦା ଦୁଇ ବିଧାୟକ ମଧ୍ୟରେ ତିକ୍ତତା ରହିଆସୁଛି । ବର୍ତ୍ତମାନ ଦୁଇଟି ବ୍ଲକକୁ ଗୋଟିଏ ଦଳର ଦୁଇ ବିଧାୟକ ପ୍ରତିନିଧିତ୍ୱ କରୁଥିଲେ ହେଁ ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ଅଭାବ ହେତୁ ବିକାଶରେ ଅନ୍ତରାୟ ସୃଷ୍ଟି ହେବା ସ୍ୱାଭାବିକ ।

ମଙ୍ଗଳବାର ପଂଚାୟତ ବୈଠକ ଗୃହରେ ସମୀକ୍ଷା ବୈଠକ ବିଡ଼ିଓ ରାଜେନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆସିକା ସାଂସଦ ଅନିତା ଶୁଭ ପ୍ରିୟଦର୍ଶିନୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ସହକାରୀ ଯନ୍ତ୍ରୀ ରମେଶ ଲେଙ୍କା ମଞ୍ଚାସୀନ ଥିଲେ । ତେବେ ଆସିକା ବିଧାୟକଙ୍କୁ ନିମନ୍ତ୍ରଣ ଥିଲେ ସୁଦ୍ଧା ଅନୁପସ୍ଥିତ ଥିଲେ । ସରପଞ୍ଚ, ସମିତି ସଭ୍ୟ, ବିଭାଗୀୟ ଅଧିକାରୀ ଓ ପଞ୍ଚାୟତ ସମସ୍ତ ଷ୍ଟାଫ ଉପସ୍ଥିତ ଥିଲେ । ଅସହାୟ, ଗରିବ ବିଦ୍ୟୁତ ଉପଭୋକ୍ତା ଉପରେ ବିଦ୍ୟୁତ ମିଟର ବଦଳାଇବା, ଟ୍ୟାମ୍ପରିଂ ଦର୍ଶାଇ ଫାଇନ୍ ଆଦାୟ କରାଯାଉଥିବା ବେଳେ ହୋଟେଲ, ଆଲୁମିନିୟମ ଫେକ୍ଟ୍ରି, ଧନୀ ପ୍ରଭାବଶାଳୀ ଲୋକଙ୍କୁ ବାଦ ପଡୁଥିବା ଆଲୋଚନା ସରଗରମ ହୋଇଥିଲା । ସ୍ୱାସ୍ଥ୍ୟକେନ୍ଦ୍ରରେ ମାତ୍ର ଦୁଇଟି ଡାକ୍ତର ଥିବା ନିୟମିତ ସେବା ଦେଉନଥିବା ଭଳି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ଅନେକ ଜନପ୍ରତିନିଧି ଦୁଇ ବିଧାୟକଙ୍କ ମଧ୍ୟରେ ଉତ୍ତମ ବୁଝାମଣା ପ୍ରଥମେ ହେଉ ତାପରେ ବିକାଶ ତ୍ୱରାନ୍ୱିତ ସମ୍ଭବ ବୋଲି ଯୁକ୍ତି କରିଥିଲେ । ଏହି ଅବସରରେ ସାଂସଦ ଓ ବିଧାୟକବାର୍ଦ୍ଧକ୍ୟ ଭତ୍ତା, ଶ୍ରବଣ ଯନ୍ତ୍ର, ଆୟୁଷ୍ମାନ କାର୍ଡ ଆଦି ବଣ୍ଟନ କରିଥିଲେ ।

### ଶିକ୍ଷକଙ୍କ ଗୋଷ୍ଠୀ କନ୍ଦଳ ଘଟଣା

# ତାତିଲେ ଅଭିଭାବକ; ବିଦ୍ୟାଳୟରେ ପକାଇଲେ ତାଲା



ପାରଳାଖେମୁଣ୍ଡି,୧୭ ।୯ (ସମିସ): ଗଜପତି ଜିଲ୍ଲାରେ ଶିକ୍ଷା ବିଭାଗର ପିଛା ଛାଡୁନି କଳଙ୍କ । ପ୍ରତ୍ୟେକ ଦିନ ବିଭିନ୍ନ ଦୁର୍ନାମକୁ ନେଇ ଗଣମାଧ୍ୟମର ଶିରୋନାମାରେ ରହୁଛି । ଆଜି ଖୋଦ୍ ଶିକ୍ଷାମନ୍ତ୍ରୀଙ୍କ ଗସ୍ତ ସମୟରେ ମଧ୍ୟ ମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଥିବା ଗ୍ରାମଠାରୁ ମାତ୍ର ଦୁଇ କିମି ଦୂରରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା । ଶିକ୍ଷକଙ୍କ ମାରପିଟ୍ ଯୋଗୁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାଛମରାରେ ଅଞ୍ଚଳବାସୀ ତାଲା ପକାଇଛନ୍ତି । ଏହାପରେ ସନ୍ଧ୍ୟାରେ ଶିକ୍ଷା ବିଭାଗ ଚେତା ପଶିଛି । ଗଜପତି ଜିଲ୍ଲା ଶିକ୍ଷା ଅଧିକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ୩ ଶିକ୍ଷକଙ୍କୁ ନିଲମ୍ବିତ କରିଛନ୍ତି । ପ୍ରଧାନଶିକ୍ଷକ ପ୍ରଫୁଲ କୁମାର ରଥ, ସହକାରୀ ଶିକ୍ଷକ ଏସ୍ ଜୟରାଓ ଓ ବି. ରାଜ ଶେଖରମଙ୍କୁ ବିଦ୍ୟାଳୟରେ ବିଶୃଙ୍ଖଳା ସୃଷ୍ଟି କରିଥିବା ଅଭିଯୋଗରେ ନିଲମ୍ବନ କରିଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ ।

ପ୍ରକାଶ ଯେ, ଗତକାଲି ଉକ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକଙ୍କ ମଧ୍ୟରେ ମାରପିଟ ହେବା ଘଟଣା ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟିର ଦୃଷ୍ଟିକୁ ଆସିବା ପରେ ଜିଲ୍ଲାପ୍ରଶାସନର ଦୃଷ୍ଟିକୁ ଆଣିବାକୁ ବିଦ୍ୟାଳୟରେ ତାଲା ପକାଇଥିଲେ ଅଞ୍ଚଳବାସୀ । ଉକ୍ତ ବିଦ୍ୟାଳୟରେ ଅନେକ ସମସ୍ୟା ରହିଛି । ସମସ୍ୟାର ସମାଧାନ ଦୂରର କଥା ଶିକ୍ଷକଙ୍କ ମଧ୍ୟରେ ଗୋଷ୍ଠୀ କନ୍ଦଳ ହାତାହାତି ଘଟଣା ସ୍ଥିତିକୁ ଜଟିଳ କରୁଛି । ପାଠ ପଢ଼ା ଚୁଲିକୁ ଗଲାଣି । ବାଧ୍ୟ ହୋଇ ଲୋକେ ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରଭାବ ନପଡିବା ପାଇଁ ଏପରି ନିଷ୍ପତ୍ତି ନେଇଛନ୍ତି । ପ୍ରଧାନଶିକ୍ଷକଙ୍କ ପରିଚାଳନାଗତ ତ୍ରୁଟି ପାଇଁ ଏପରି ହେଉଥିବା ଲୋକେ ଅଭିଯୋଗ କରିଛନ୍ତି । ନିମ୍ନମାନର ମଧ୍ୟାହ୍ନ ଭୋଜନ, ଶୌଚାଳୟ ଅଭାବ, ଶ୍ରେଣୀ କକ୍ଷ ଅଭାବ

**ପ୍ରଧାନ ଶିକ୍ଷକଙ୍କ ସମେତ ୩ ଶିକ୍ଷକ ନିଲମ୍ବିତ**

ଏହି ସମସ୍ତ ସମସ୍ୟା ଦିଗରେ ସମାଧାନର ବାଟ ବାହାରୁନଥିବା ବେଳେ ଶିକ୍ଷକମାନେ ଗୋଷ୍ଠୀ କରି ନିଜନିଜ ମଧ୍ୟରେ କନ୍ଦଳରେ ବ୍ୟସ୍ତ ରହୁଛନ୍ତି । ଶିକ୍ଷାଦାନ ସଠିକ୍ ଭାବେ ନ ହେବା ସହ ଏକ ଅପ୍ରୀତିକର ପରିବେଶ ବିଦ୍ୟାଳୟରେ ସୃଷ୍ଟି କରାଯାଉଥିବା ସ୍ଥାନୀୟ ଅଞ୍ଚଳବାସୀ ଓ ସ୍କୁଲ ପରିଚାଳନା କମିଟି ସମସ୍ୟା ଗୁଡିକର ତୁରନ୍ତ ସମାଧାନ ଓ ଆସନ୍ତାକାଲି ସୁଦ୍ଧା ବିଦ୍ୟାଳୟରେ ହୋଇଥିବା ଖଣ୍ଡଯୁଦ୍ଧର ଦାୟୀ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି । ତାଲା ପଡିଥିବା ବିଦ୍ୟାଳୟରେ ଗୋଷାଣି ବିଇଓ, ଏବିଇଓ ଓ ଜିଲ୍ଲା ଶିକ୍ଷାଧିକାରୀ ବିଭାଗ ପକ୍ଷରୁ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ପହଞ୍ଚି ପ୍ରତିଶ୍ରୁତି ଦେଇଛନ୍ତି । ଆସନ୍ତାକାଲି ସୁଦ୍ଧା ଦାୟୀ ଶିକ୍ଷକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆସନ୍ତାକାଲି ଠାରୁ ପୁଣି ବିଦ୍ୟାଳୟରେ ତାଲା ପକାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି । ମାଛମରା ସରପଞ୍ଚ କିଲି ତିରୁପତି ରାଓ, ୱାର୍ଡମେମ୍ବର କେ. କେଶବ ରାଓ, ଏସଏମସି ସଭାପତି ଟି.ଶଙ୍କର ରାଓ, ମାଛମରା ଅଞ୍ଚଳବାସୀ ମଣ୍ଡଳ ସୁବାସ ଓ ଏନ୍.ସନ୍ମୁଖା ରାଓ ପ୍ରମୁଖ ଉପସ୍ଥିତ ରହି ଶିକ୍ଷା ବିଭାଗ ସହ ଆଲୋଚନା ଓ ଦାବି ଉପସ୍ଥାପନ କରିଥିଲେ ।

### ଅଧା ଦାମ୍‌ରେ ସୁନା ଦେବାକୁ କହି ୧୫ଲକ୍ଷ ଠକେଇ

## ଡିଲ୍ ବେଳେ ନକଲି ପୁଲିସ ସହ ଟଙ୍କା ନେଇ ପଳାଇଲା ଦୁର୍ବୃତ୍ତ

ରଙ୍ଗେଇଲୁଣ୍ଡା,୧୭।୯ (ସମିସ): ଗୋଳନ୍ଥରା ଥାନା ଗୋଳନ୍ଥରାଚଟି ଗ୍ରାମରେ ପୁରୁଣା ସୁନା ଅଧା ଦରରେ ବିକ୍ରି କରିବାକୁ କହି ଜଣେ ବ୍ୟକ୍ତିଙ୍କ ଠାରୁ ସୁଚିନ୍ତିତ ଭାବେ ୧୫ ଲକ୍ଷ ଟଙ୍କା ଧରି ଚମ୍ପଟ ମାରିଛି ଦୁର୍ବୃତ୍ତ । ଏନେଇ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ବ୍ରହ୍ମପୁର ମହାନଗର ବାଲାଜିପେଣ୍ଠସାହିର କେ. ବାସୁଦେବ ରେଡ୍ଡୀଙ୍କ ମୋବାଇଲକୁ ସୁରିୟା ନାମକ ବ୍ୟକ୍ତି ଫୋନ୍ କରି ତାଙ୍କ ନିକଟରେ ସୁନା ଅଛି ସେ ଅଧା ଦରରେ ବିକିବେ ବୋଲି କହିଥିଲେ । ଅଳଙ୍କାର ଗୁଡ଼ିକର ଫଟୋ ମଧ୍ୟ ହ୍ୱାଟ୍ସଆପ୍‌ରେ ପଠାଇଥିଲେ । ସୁନା ନେବାକୁ ହେଲେ ବାସୁଦେବ ଗୋଳନ୍ଥରାଚଟି ଭୈରବୀ ରାସ୍ତାକୁ ଆସିବାକୁ କହିଥିଲେ । ଜଣେ ବନ୍ଧୁଙ୍କ ସହ ବାସୁଦେବ ଅପରାହ୍ନ ୪ ଟାରେ ଭୈରବୀ ରାସ୍ତାରେ ପହଞ୍ଚି ଥିଲେ । ସୁରିୟା ପରିଚୟ ଦେଇଥିବା ସମ୍ପୃକ୍ତ ବ୍ୟକ୍ତି ଜଣକ ବାସୁଦେବକୁ ସୁନା ଦେଖାଇବା ସହ ୧୫ ଲକ୍ଷ ଟଙ୍କା ନେଇଥିଲେ । କିନ୍ତୁ କୈଶଳକ୍ରମେ ସୁନାକୁ ହସ୍ତାନ୍ତର ନକରି ଟଙ୍କା ଗଣିବା ଆରମ୍ଭ କରିଥିଲେ । ଠିକ୍ ସେହି ସମୟରେ ଉକ୍ତ ରାସ୍ତାଦେଇ କାର୍ ପୁଲିସ ସାଇରନ୍ ବଜାଇ ଆସିଥିଲା । ହଠାତ୍ ସେଠାରେ କାର୍‌ଟି ଅଟକିବାପରେ ସୁରିୟା ଟଙ୍କାକୁ ବ୍ୟାଗରେ ପୁରାଇ କାର୍ ଭିତରେ ପଶିଯାଇଥିଲା । ଏହାପରେ ଟଙ୍କା ଓ ସୁନା ନେଇ ୧୬ ନଂ. ଜାତୀୟ ରାଜପଥରେ ଆନ୍ଧ୍ର ପଟକୁ ପଳାଇଥିଲା । ବାସୁଦେବ କିଛି ଭାବିବା ପୂର୍ବରୁ କାର୍‌ଟି ଦ୍ରୁତ ଗତିରେ ପଳାଇଥିଲା । କାର୍‌ରେ ପୁଲିସ ପୋଷାକ ପିନ୍ଧି କିଛି ଲୋକ ବସିଥିବା ସେ କହିଛନ୍ତି । ମାତ୍ର ସେ ଗାଡ଼ିର ନମ୍ବର ଟିପି ପାରିନଥିବା ନେଇ ଥାନାରେ ଦେଇଥିବା ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି । ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## କୁମୁଟିମୁଣ୍ଡା ନାଳରେ ଜଳପତ୍ତନ ବୃଦ୍ଧି, ଲୋକେ ଭୟଭୀତ

କଲ୍ୟାଣସିଂହପୁର,୧୭।୯ (ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ସଦର ମହାକୁମା ପଞ୍ଚାୟତ କୁମୁଟିମୁଣ୍ଡା ନାଳରେ ବନ୍ୟା ପାଣି ଆସିବାରୁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବାରୁ ପାହାଡିଆ ପାଣି ଆସି



ବନ୍ୟା ସୃଷ୍ଟି ହୋଇଥିଲା । ଉକ୍ତ ନାଳଦେଇ ବହି ଯାଉଥିବା ବନ୍ୟା ପାଣିରେ କୁମ୍ଭାର ସାହି, ନୂଆସାହି, ଦାନୁ ସାହିକୁ ଭୟ ରହିଥିବା ସାହିବାସୀ ପ୍ରକାଶ କରିଛନ୍ତି । ଗତ ୧୭ ମସିହାରେ ନାଗାବଳି ଓ କଲ୍ୟାଣୀ ନଦୀର ବନ୍ୟା ଆଜିବି ଲୋକଙ୍କ ମନରୁ ଲିଭିନଥିବା ବେଳେ ପୁଣି ଏହି ନାଳର ବନ୍ୟା ପାଣି ସାହି ଭିତରେ ପଶିବା ଆଶଙ୍କା ଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି । ଏହି ନାଳର ଦୁଇ ପାଶ୍ୱର୍ରେ ପଥର ସ୍ୱହର କରିବା ସହ ଦନୁସାହିକୁ ସୁରକ୍ଷା କାନ୍ଥ ନିର୍ମାଣ କରିବା ପାଇଁ ଦାବି କରିଛନ୍ତି ସାହି ବାସିନ୍ଦା । ଅବଶ୍ୟ ବର୍ଷା କମିଗଲେ ପାଣି କମିଯିବାର ସମ୍ଭାବନା ରହିଛି ।

## ନୂଆଦିଲ୍ଲୀରେ ସମ୍ମାନୀତ ହେଲେ ସରପଞ୍ଚ

ଦିଗପହଣ୍ଡି,୧୭।୯ (ସମିସ): ନୂଆଦିଲ୍ଲୀସ୍ଥିତ ସରପଞ୍ଚ ସମ୍ବାଦ ପରିବାରର ୨ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଜାତୀୟ ଗୁଣବତ୍ତା ସମ୍ମିଳନୀର ସମ୍ବର୍ଦ୍ଧନା ଉତ୍ସବରେ ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ସରପଞ୍ଚ ତଥା ଗଞ୍ଜାମ ଜିଲା



ସରପଞ୍ଚ ସଂଘ ସଭାପତି ମନୋରଞ୍ଜନ ଗୌଡ ସମ୍ମାନିତ ହୋଇଥିବା ଜଣାପଡିଛି । ସୋମବାର ଆୟୋଜିତ ସମ୍ବର୍ଦ୍ଧନା ସମାରୋହରେ ସମଗ୍ର ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ୭୫ ଜଣ ସରପଞ୍ଚଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଓଡ଼ିଶାର ୬୭୯୮ ସରପଞ୍ଚଙ୍କ ମଧ୍ୟରୁ ଏକମାତ୍ର ସରପଞ୍ଚ ଭାବେ ମନୋରଞ୍ଜନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି. ଆର୍. ପାଟିଲ, କେନ୍ଦ୍ର ପଞ୍ଚାୟତରାଜ ସଚିବ ବିବେକ ଭରଦ୍ୱାଜ, କେନ୍ଦ୍ର ପାନୀୟଜଳ ପରିମଳ ଓ ଜଳଶକ୍ତି ବିଭାଗ ସଚିବ ଅଶୋକ କେ. ମୀନା ଉପସ୍ଥିତ ରହି ଦେଶର ମେରୁଦଣ୍ଡ ଭାବେ ବିବେଚିତ ଗ୍ରାମ ପଞ୍ଚାୟତର ବିକାଶ କିପରି ହେବ ସରପଞ୍ଚ ସମ୍ବାଦ କ୍ୱାଲିଟି କାଉନସିଲ ଅଫ୍ ଇଣ୍ଡିଆ ସଂସ୍ଥା ମାଧ୍ୟମରେ ଦେଶର କୋଣ ଅନୁକୋଣରେ ହେଉଥିବା ବିକାଶ କିପରି ଦେଶ ଦେଖିବ ସେ ନେଇ ଉଦବୋଧନ ଦେଇଥିଲେ । ଏହି ସଫଳତା ମିଳିବାପରେ କଇଠଖଣ୍ଡି ଗ୍ରାମପଞ୍ଚାୟତକୁ ଦେଶର ସର୍ବୋତ୍ତମ ଗ୍ରାମ ପଞ୍ଚାୟତ ଗଢ଼ି ତୋଳିବାର ପ୍ରେରଣା ମିଳିବା ସହ ଆଗାମୀ ଦିନରେ ପଞ୍ଚାୟତବାସୀଙ୍କ ସହଯୋଗ ଜାରି ରହିଲେ ଆମ ପଞ୍ଚାୟତ ଆନ୍ତର୍ଜାତୀୟସ୍ତରରେ ମଧ୍ୟ ପରିଚିତ ହୋଇପାରିବ ବୋଲି ସରପଞ୍ଚ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

## ୧୫ ଫୁଟର କିଙ୍ଗ୍ କୋବ୍ରା ଉଦ୍ଧାର

କାଲିମେଲା, ୧୭।୯ (ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଲୁଗେଲ ପଞ୍ଚାୟତର ଏମପିଭି -୪୭ ଗ୍ରାମରେ ଥିବା ଏକ ନିମ୍ବ ଗଛରୁ ଏକ ବିରାଟକାୟ



କିଙ୍ଗ କୋବ୍ରା ସାପ ଉଦ୍ଧାର କରାଯାଇଛି ।.ସକାଳୁ ସାପଟି ଗ୍ରାମରେ ଥିବା ଏକ ନିମ୍ବ ଗଛ ଉପରେ ଥିବା ଦେଖି ଲୋକେ ଏମଭି ୭୯ ବନ ବିଭାଗକୁ ଖବର ଦେଇଥିଲେ । ବନ ବିଭାଗ କର୍ମଚାରୀମାନେ ସାପ ଧରାଳି ସହାୟତାରେ ସାପଟିକୁ ଧରିବାରେ ସଫଳ ହୋଇଥିଲେ । ସାପଟିର ଲମ୍ବା ପ୍ରାୟ ୧୫ ଫୁଟ୍ ।

# ବିଭିନ୍ନ ସ୍ଥାନରେ ଦେବଶିଳ୍ପୀଙ୍କୁ ଆରାଧନା









ଶେରଗଡ,୧୭ ।୯ (ସମିସ): ଶେରଗଡ ସହର ତଥା ଏହାର ଆଖପାଖ ଅଞ୍ଚଳରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି । ଶେରଗଡ ବ୍ଲକରେ ଥିବା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅନୁଖଣ୍ଡର କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଶଶାଙ୍କ କୁମାର ପାଢୀ ଦାୟିତ୍ୱ ନିର୍ବାହ କରିଥିଲେ । ଅନ୍ୟତମ କନିଷ୍ଠ ଯନ୍ତ୍ରୀ ମଳୟ କୁମାର ନାୟକଙ୍କ ସହିତ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

**ଛତ୍ରପୁର:** ଛତ୍ରପୁର ସହର ସମେତ ଆଖପାଖ ଅଞ୍ଚଳରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି । ଛତ୍ରପୁର ବ୍ଲକ ଅନ୍ତର୍ଗତ ଖୁରିଗାଁ ଗାଁରେ ବିଶ୍ୱକର୍ମା ସମାଜ ପକ୍ଷରୁ ୧୨ତମ ବାର୍ଷିକ ପୂଜା ପାଳନ କରାଯାଇଛି । ସେହିପରି ଛତ୍ରପୁର ସ୍ଥିତ ଡାଲଡାମିଲ ରୋଡ଼ରେ ବିଶ୍ୱକର୍ମା କାଠ କାରିଗର ସଂଘ ପକ୍ଷରୁ ମଧ୍ୟ ପୂଜା ଅନୁଷ୍ଠିତ ହେଇଥିଲା । ଏହାସହିତ ଛତ୍ରପୁର ବିଦ୍ୟୁତ ବଣ୍ଟନ ବିଭାଗ, ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ପୂଜା ଅନୁଷ୍ଠିତ ହୋଇଯାଇଛି ।

**କୋଦଳା:** ବିଶ୍ୱକର୍ମାଙ୍କ ପୂଜାଉତ୍ସବ ବେଗୁନିଆପଡା ଏବଂ କୋଦଳା ଏନଏସିରେ ପାଳିତ ହେଉଛି । କାର୍ଯ୍ୟନିର୍ବାହୀ ଅଧିକାରୀ କୃଷ୍ଣ ଚନ୍ଦ୍ର ରଥଙ୍କ ନିର୍ଦ୍ଦେଶ ଅନୁଯାଇ ସ୍ୱଚ୍ଛତା ବିଶେଷଜ୍ଞ ଚନ୍ଦ୍ରକାନ୍ତ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ଏନଏସି କର୍ମଚାରୀ, ସଫେଇ କର୍ମଚାରୀ, ସୁପରଭାଇଜର, ସ୍ୱଚ୍ଛ ସାଥି, ସ୍ୱଚ୍ଛତା କର୍ମୀ ପ୍ରମୁଖ ଉପସ୍ଥିତ ରହି ସୁନ୍ଦର ସାଜସଜ୍ଜା ସହିତ ପ୍ରଭୁଙ୍କ ପୂଜା ଉତ୍ସବ ପାଳନ କରୁଥିବା ବେଳେ ବେଗୁନିଆପଡା ବ୍ଲକ ପରିସରରେ ପୂଜା ଅନୁଷ୍ଠିତ ହୋଇଥିଲା ।

**ବୁଗୁଡା:** ବୁଗୁଡ଼ା ଅଞ୍ଚଳର ବିଭିନ୍ନ କାର୍ଯ୍ୟାଳୟ ଏବଂ ପ୍ରତିଷ୍ଠାନରେ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବାଘୁଆ ଜଳସେଚନ ଉପ-ବିଭାଜନ କାର୍ଯ୍ୟାଳୟରେ ମନୋଜ କୁମାର ଦାଶ ପୁରୋହିତ ଭାବେ ଯୋଗ ଦେଇ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । କର୍ତ୍ତା ଭାବେ ସହକାରୀ ନିର୍ବାହୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ପାଳ ଦାୟିତ୍ୱ ନିର୍ବାହ କରିଥିଲେ । ଏଥି ସହ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ବିଶ୍ୱକର୍ମା ପୂଜା ପାଳିତ ହୋଇଥିଲା ।

**ସୋରଡ଼ା:** ସୋରଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନରେ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଛି । ବ୍ଲକର ସହକାରୀ ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀଙ୍କୁ ନେଇ କାର୍ଯ୍ୟ ସମାପନ ହୋଇଯାଇଛି । ଏଥିରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଗୁରୁଦେବ ଗୌଡ଼ ପୌରହିତ୍ୟ କରିଥିଲେ । ବିଡିଓ ତନ୍ମୟ ପାତ୍ର ଓ ମହିଳା ଓ ଶିଶୁ ବିଭାଗ ସମେତ ଅନ୍ୟାନ୍ୟ ବିଭାଗର କର୍ମଚାରୀ ଅଂଶଗ୍ରହଣ କରିଥିଲେ । ସେହିଭଳି ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କରେ ପୂଜା ପାଳିତ ହୋଇଯାଇଛି ।

**ରମ୍ଭା:** ବିରୁଳି ତାଲୁକା ବଢ଼େଇ କୂଳ ସମାଜ ପକ୍ଷରୁ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି । ପୁରୋହିତ ସୂର୍ଯ୍ୟ ନାରାୟଣ ଆଚାର୍ଯ୍ୟ ଓ ଅଶ୍ୱିନୀ କୁମାର ଦାଶଙ୍କ ପୌରହିତ୍ୟରେ ମୁଖ୍ୟକର୍ତ୍ତା ରୂପେ ଶରତ ଚନ୍ଦ୍ର ପଣ୍ଡା ଯୋଗଥିବା ବେଳେ ଅନୁଷ୍ଠାନର ମୁଖ୍ୟ କାଶୀନାଥ ପଣ୍ଡା, ରୁକ୍ମଣୀ ପଣ୍ଡା, ଅନୁଲିପି ପଣ୍ଡା, ମୁନା ପଣ୍ଡା, ନିତିନ ପଣ୍ଡା ପୂଜାରେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଉମା ଚରଣ ସାହୁ ଓ ମ୍ୟାନେଜର ନାଗେଶ୍ୱର ରାଓ ପରିଚାଳନା କରିଥିଲେ । ଶାସ୍ତ୍ରୀ ମାର୍ଗରେ ବିରୁଳି ତାଲୁକା ବିଶ୍ୱକର୍ମା ସମାଜ(ବଢ଼େଇ କୂଳ) ପକ୍ଷରୁ ସଭାପତି ଯୋଗେନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତାରେ ପୂଜା ଅନୁଷ୍ଠିତ ହୋଇଯାଇଛି । ପୁରୋହିତ ଅସିତ ଦାଶଙ୍କ ପୌରହିତ୍ୟରେ ମୁଖ୍ୟକର୍ତ୍ତା ରୂପେ ବିଚିତ୍ର ମହାରଣା ଓ ବିନୁ ମହାରଣା ଥିବାବେଳେ ରାଜଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାରଣା, ସମ୍ପାଦକ ଦଣ୍ଡପାଣି ମହାରଣା, ଉପସଭାପତି ଗୋପାଳକୃଷ୍ଣ ମହାରଣା, ସହ ସମ୍ପାଦକ କିଶୋର ଚନ୍ଦ୍ର ମହାରଣା, କାର୍ଯ୍ୟକାରୀ ସଭାପତି ଅମୂଲ୍ୟ ମହାରଣା, ଉପଦେଷ୍ଟା କାଶୀନାଥ ମହାରଣା ଉପସ୍ଥିତି ଥିଲେ ।

**ଚିକିଟି:** ଚିକିଟି ପେଣ୍ଠରେ ଜନସ୍ୱାସ୍ଥ୍ୟ ବିଭାଗ ଓ ରାଜ ମିସ୍ତ୍ରୀ ସଙ୍ଘ ପାଳିଲେ ବିଶ୍ୱକର୍ମା ପୂଜା । ଯନ୍ତ୍ରୀ ଦୁଃଖିଶ୍ୟାମ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ପ୍ରଭାତ ଫେରି ଅନୁଷ୍ଠିତ ହୋଇଥିଲା । ଠିକାଦାର ମନୋଜ କୁମାର ସାହୁ ପୂଜା କାର୍ଯ୍ୟ ସମ୍ପାଦନ କରିବା ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ବେଳେ ବିଭାଗର କର୍ମଚାରୀ ସାଗର କୁମାର ମହାନ୍ତି, ମୁକେଶ କୁମାର, ନରସିଂହ ରେଡ୍ଡୀ, ଜିତୁ ମିଶ୍ର, ନିରଞ୍ଜନ ସାହୁ, ଗୋପୀ ମଣ୍ଡଳ, ଦେବ ବେହେରା ପ୍ରମୁଖ ଯୋଗଦେଇଥିଲେ । ସେଭଳି ମା ମୁକ୍ତାଦେବୀ ରାଜ ମିସ୍ତ୍ରୀ ସଂଘ ତରଫରୁ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି । ଏଠାରେ ସଙ୍ଘର ସଭାପତି ସୁରେନ୍ଦ୍ର ନାଥ ସାହୁ ପୌରହିତ୍ୟ କରିଥିବା ବେଳେ ସଙ୍ଘ ସମ୍ପାଦକ ବୃନ୍ଦାବନ ସାହୁଙ୍କ ସହ ରାଜେନ୍ଦ୍ର ସାହୁ ପ୍ରମୁଖ ପୂଜାର ଆୟୋଜନ କରିଥିଲେ ।

**ଗଞ୍ଜାମ:** ବିଶ୍ୱକର୍ମା ପୂଜାପାଇଁ ଗଞ୍ଜାମ ସହର ଉତ୍ସବ ମୁଖର ହୋଇଛି । ସାନ ବଜାରରେ ବିଦ୍ୟୁତ ବିଭାଗ, ବଡ଼ ବଜାରରେ ଦୁର୍ଗାଦେବୀ ଶିଳ୍ପ ତାଲିମ କେନ୍ଦ୍ର ଓ ଗ୍ରାସୀମ କମ୍ପାନୀ ଓ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଶିଳ୍ପ ଅନୁଷ୍ଠାନରେ ପୂଜା ଅନୁଷ୍ଠିତ ହେଉଛି । ପୂଜା ମଣ୍ଡପ ମାନଙ୍କରେ ସୁନ୍ଦର ମୃଣ୍ମୟ ମୂର୍ତ୍ତୀ ପୂଜା ପାଉଥିବା ବେଳେ ସୁଉଚ ତୋରଣ ସାଙ୍ଗକୁ ସୁସଜ୍ଜିତ ସାଜସଜା ଓ ରଙ୍ଗ ବେରଙ୍ଗର ଆଲୋକମାଳରେ ସ୍ଥାନୀୟ ଅଞ୍ଚଳ ଚଳ ଚଞ୍ଚଳ ହୋଇଉଠିଛି ।

## ବଢ଼େଇ ସମାଜ ପକ୍ଷରୁ ବିଶ୍ୱକର୍ମା ପୂଜା ଓ ସାଧାରଣ ସଭା

ଧରାକୋଟ,୧୭ ।୯ (ସମିସ): ଧରାକୋଟ ତାଲୁକା ବଢେଇ ସମାଜ ପକ୍ଷରୁ ବିଶ୍ୱକର୍ମା ପୂଜା ସହ ସାଧାରଣ ସଭା ମୁଣ୍ଡମରାଇ ନିକଟସ୍ଥ ହୀରାଖଣ୍ଡି ପାହାଡ ପାଦ ଦେଶରେ ଥିବା ବିଶ୍ୱକର୍ମାଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ହାଡୁବନ୍ଧୁ ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ । ରାଜଶ୍ରୀ ଦୟାନିଧି ମହାରଣା ବଢେଇ ଜାତୀୟ ବିକାଶ ଉପରେ ଭାଷଣ ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ରାଜଶ୍ରୀ ଜୁଗଳ କିଶୋର ମହାରଣା, ଉପଦେଷ୍ଟା ରଙ୍କନିଧି ମହାରଣା, ବସନ୍ତ ମହାରଣା, ଭୁବନେଶ୍ୱର ମହାରଣା, ରଘୁନାଥ ମହାରଣା ଓ ଖଦାଳ ମହାରଣା ପ୍ରମୁଖ ଉପସ୍ଥିତ ରହିଥିଲେ । ଉପ ସଭାପତି ବାବୁଲା ମହାରଣା, ଯଜ୍ଞ କମିଟି ମୁଖ୍ୟ ସୁରେନ୍ଦ୍ର ମହାରଣା, ସହ ସମ୍ପାଦକ ସୁବାସ ଚନ୍ଦ୍ର ମହାରଣା, ଉମାଚରଣ ମହାରଣା, କୋଷାଧ୍ୟକ୍ଷ ଡାକ୍ତର ମହାରଣା ପ୍ରମୁଖ କୁଳ ସମାଜର ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । ଏହି ଅବସରରେ ଚଳିତ ବର୍ଷ ଦଶମ ଶ୍ରେଣୀରେ ସଫଳତା ହାସିଲ କରିଥିବା ଛାତ୍ରଛାତ୍ରୀ ବିନାୟକ ମହାରଣା, ବିଷ୍ଣୁ ପ୍ରସାଦ ମହାରଣା, ଶୁଭମ ମହାରଣା, ନନ୍ଦିନୀ ମହାରଣା, ଶେଖର ମହାରଣା ଓ ଲକ୍ଷ୍ମୀ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା

